# ନୀଳଗିରି ବିଜେଡିର ସାଂଗଠନିକ ବୈଠକ



ନୀଳଗିରି, ୨୯।୩ (ସମିସ): ବାଲେଶ୍ୱର ଜିଲ୍ଲାର ନୀଳଗିରି ରାଜନୀତି ସରଗରମ ହୋଇଥିବା ବେଳେ ବିଜେଡିକୁ ଅଧିକ ସଂଗଠିତ କରିବା ସହ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଶପଥ ନେଇଛନ୍ତି। ଆଜି ଅପରାହ୍ଣ ୩ ଟାରେ ନୀଳଗିରି ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ତଥା ଜିଲ୍ଲା ବିଜେଡିର ବରିଷ୍ଠ ଉପ ସଭାପତି ସନ୍ତୋଷ ଖଟୁଆଙ୍କ ଅଧ୍ୟକ୍ଷତାରେ ନୀଳଗିରି ବିଜୁ ଜନତା ଦଳ କାର୍ଯ୍ୟାଳୟ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡିକୁ ସଶକ୍ତ କରିବା ପାଇଁ ଗତ ପାଞ୍ଚ ବର୍ଷ ଧରି ଶ୍ରୀ ଖଟୁଆଙ୍କ ନେତୃତ୍ୱରେ ତୃଣମୂଳ ସ୍ତରରୁ କାର୍ଯ୍ୟ କରି ଆସୁଛନ୍ତି। ସେ ଦଳର କର୍ମୀ ଓ କର୍ମକର୍ତ୍ତାଙ୍କୁ ଏକଜୁଟ କରି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ଅଭୂତପୂର୍ବ ସଫଳତା ହାସଲ କରିଥିଲା। ନୀଳଗିରିରେ ବିଜେପି ବିଧାୟକ ସୁକାନ୍ତ ନାୟକ ବିଜୟୀ ହେବା ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଘର ହୋଇଥିବା ସତ୍ୱେ ପ୍ରତିକୂଳ ପରିସ୍ଥିତିରେ ଶ୍ରୀ ଖଟୁଆ ଦୃଢ଼ ନେତୃତ୍ୱ ନେଇ ବିଜେଡିକୁ ସଂଗଠିତ କରିଛନ୍ତି। ନୀଳଗିରି ବ୍ଲକ ଓ ଏନଏସିରେ ବିଜେଡି ଚେୟାରମ୍ୟାନ କରିବା ସହ ଔପଦାରେ ଜଟିଳ ରାଜନୈତିକ ପରିସ୍ଥିତିରେ ବିଜେଡି ଚେୟାରମ୍ୟାନ ପଦ ଦଖଲ କରିଥିଲା। ଏପରିକି ଅଧିକାଂଶ ଜିଲ୍ଲା ପରିଷଦ ଆସନ ଦଖଲ କରିବା ସହିତ ତୃଣମୂଳ ସ୍ତରରେ ଅଧିକାଂଶ ସରପଞ୍ଚ ଦଖଲ କରିଥିଲେ। ବିରୋଧୀ ଶିବିରରେ ଥିବା ନେତାଙ୍କୁ ବିଜେଡିରେ ସାମିଲ କରି ବିଜେଡିର ଶକ୍ତି ବୃଦ୍ଧି କରିଛନ୍ତି। ନୀଳଗିରିରେ ଶ୍ରୀ ଖଟୁଆଙ୍କ ନେତୃତ୍ୱକୁ ଦଳରେ ସର୍ବ ସମ୍ମତିରେ ବିଧାୟକ କରିବାକୁ ଦଳୀୟ ନେତା ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ମଦନ ମୋହନ ମାଝୀ, ଆଇନଜୀବୀ କିଶୋର ଚନ୍ଦ୍ର ଷଢଙ୍ଗୀ, ଔପଦା ବ୍ଲକ ସଭାପତି ଅଶୋକ କୁମାର ପ୍ରଧାନ, କୃତିବାସ ବେହେରା, ଶିଶିର କୁମାର ରାଉତ, ସବ୍ୟସାଚୀ ମହାପାତ୍ର, ମହେନ୍ଦ୍ର ବେହେରା, ସୁଦର୍ଶନ ରାଉତ, କାର୍ତ୍ତିକେଶ୍ୱ ପଣ୍ଡା, ସୁମନ ଦାସ, ସଚିନ୍ଦ୍ର ଦାସ, ରବୀନ୍ଦ୍ର ପରିଡ଼ା, ରଜନୀ ମହାନ୍ତି, ମନୋରଞ୍ଜନ ମହାନ୍ତି, ଦୀପ୍ତିକାନ୍ତ ପୁଷ୍ଟି ପ୍ରମୁଖ ଯୋଗ ଦେଇ ଦୃଢ଼ ସମର୍ଥନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତ ସଭାପତି, ପଞ୍ଚାୟତ ପ୍ରଭାରୀ ବ୍ଲକ ଓ ନିର୍ବାଚନ ମଣ୍ଡଳୀର ଶତାଧିକ କର୍ମୀ ଓ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ନୀଳଗିରି ବିଜେଡିର ଏକମାତ୍ର ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ।

# ରେମୁଣା ବିଜେପିରେ ଗୋଷ୍ଠୀ କନ୍ଦଳ ତେଜିଲା

- ଟିକଟକୁ ନେଇ ଅସନ୍ତୁଷ୍ଟ ଗୋଷ୍ଠୀର ଗୁପ୍ତ ବୈଠକ
- ଚିନ୍ତାରେ ସାଂସଦ ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ

ବାଲେଶ୍ୱର, ୨୯।୩(ସମିସ):

ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ରେମୁଣା ନିର୍ବାଚନ ମଣ୍ଡଳୀରେ ବିଜେପିର ଦଳୀୟ ଟିକଟ ପାଇବାକୁ ନେଇ ଦୁଇଜଣ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଶୁକ୍ରବାର ଦିନ ପଣ୍ଡା ପାର୍କରେ ଅସନ୍ତୁଷ୍ଟ ଗୋଷ୍ଠୀର ଗୁପ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଆଶାୟୀ ପ୍ରାର୍ଥୀ ବିଜୟ ସେଠୀଙ୍କୁ ଟିକଟ ନମିଳିଲେ ଚାରି ହଜାର ବିଜେପି କର୍ମୀ ଦଳରୁ ସାମୂହିକ ଇସ୍ତଫା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏହାକୁ ନେଇ ବିଜେପି ସାଂସଦ ପ୍ରାର୍ଥୀ ପ୍ରତାପ ଷଡଙ୍ଗୀ ଚିନ୍ତାରେ ପଡ଼ିଛନ୍ତି।

ବାଲେଶ୍ୱର ସଦର, ଜଳେଶ୍ୱର ଓ ରେମୁଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପିରେ ଟିକଟ ଆଶାୟୀ ଙ୍କ ସଂଖ୍ୟା ସେତେ ବେଶୀ ନଥିଲେ ମଧ୍ୟ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦିଗଦର୍ଶନ ବିହୀନ ଗୋଟି ଚାଳନା ଯୋଗୁଁ ଗୋଷ୍ଠୀ କନ୍ଦଳ ତୀବ୍ରତର ହେବାରେ ଲାଗିଛି। ନୀଳଗିରି ବିଧାୟକ ସୁକାନ୍ତ ନାୟକଙ୍କର ଯଦିଓ ପ୍ରତାପଙ୍କ ସହ ଭଲ ସମ୍ପର୍କ ରହିଥିଲା, ତଥାପି ସେ ଶୁକ୍ରବାର ଦିନ ଭାଜପା ଦଳରୁ ଇସ୍ତଫା ଦେଇଛନ୍ତି। ସେହିପରି ରେମୁଣା ସଂରକ୍ଷିତ ଆସନରୁ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ନବାଗତ ବିଜୟ ସେଠୀଙ୍କ ମଧ୍ୟରେ ଦଳୀୟ ଟିକଟ ନେବା ଲାଗି ଶୀତଳ ଯୁଦ୍ଧ ଆରମ୍ଭ ହୋଇ ଯାଇଛି। ଗତ ଗୁରୁବାର ଦିନ ମନ୍ଦିର ଛକର ଏକ କଲ୍ୟାଣ ମଣ୍ଡପରେ ବିପିନ ଦାସଙ୍କ ଆବାହକତ୍ୱରେ ବନ୍ଧୁ ମିଳନ ଆୟୋଜନ କାର୍ଯ୍ୟକ୍ରମ ବାତିଲ ହୋଇଯିବା ପରେ ବିଜୟ ସେଠିଙ୍କ ସମର୍ଥନ ଓ ଗୋବିନ୍ଦଙ୍କ ସମ୍ଭାବ୍ୟ ପ୍ରାର୍ଥିତ୍ୱକୁ ବିରୋଧ କରୁଥିବା ନେତା ମାନେ ରକ୍ତ ମୁଖା ହୋଇ ପଡ଼ିଥିବା ଲକ୍ଷ୍ୟ କରାଯାଇଛି। ଗତ କାଲି ଗୋବିନ୍ଦଙ୍କ ସମର୍ଥକ ମାନେ ନୀଳଗିରିରେ ସାଂସଦଙ୍କୁ ଭେଟି ବନ୍ଧୁ ମିଳନ ସମ୍ପର୍କରେ ଅଭିଯୋଗ କରିବା ପରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ଗୋବିନ୍ଦ ଦାସ ପୌରାହିତ୍ୟ କଲେ ସେ ଯିବେ ବୋଲି ସର୍ତ୍ତ ଆରୋପ କରିଥିଲେ। ମାତ୍ର ଏଭଳି ସର୍ତ୍ତରେ ବିଜୟ ସେଠୀଙ୍କ ସମର୍ଥକ ମାନେ ରାଜି ନହେବାରୁ ବନ୍ଧୁ ମିଳନକୁ ବାତିଲ କରିଦେଇଥିଲେ ବିପିନ ଦାସ।ଏହି ପରିପ୍ରେକ୍ଷୀରେ ଆଜି ନୂଆଗାଁ ପଞ୍ଚାୟତର ପଣ୍ଡା ପାର୍କରେ ଦୁଇଶହ କର୍ମୀ ଏକଜୁଟ ହୋଇ ବିଜୟ ସେଠୀ ଙ୍କୁ ପ୍ରାର୍ଥୀ କରା ନଗଲେ ଖୁବଶୀଘ୍ର ଚାରି ହଜାର ବିଜେପି କର୍ମୀ ଦଳରୁ ସାମୁହିକ ଭାବେ ଇସ୍ତଫା ଦେବାକୁ ନିଷ୍ପତ୍ତି ନିଆ ଯାଇଛି। ମୁଣ୍ଡ ଉପରେ ନିର୍ବାଚନ ଥିଲା ବେଳେ ପ୍ରାର୍ଥିତ୍ୱକୁ ନେଇ ରେମୁଣା ବିଜପିରେ ମତ ଭେଦ ତୀବ୍ର ଆକାର ଧାରଣ କରିବାରେ ଲାଗିଛି। ଅସନ୍ତୁଷ୍ଟ ଗୋଷ୍ଠୀ ମଧ୍ୟ ଏଭଳି ଚରମ ନିଷ୍ପତ୍ତି ସମ୍ପର୍କରେ ସାଂସଦଙ୍କୁ କୁଆଡେ ଆଜି ଅବଗତ କରାଇଦେଇଛନ୍ତି। ସାଂସଦ ଶ୍ରୀ ଷଡ଼ଙ୍ଗୀ ଦଳୀୟ ସଂଗଠନକୁ ସଜାଡି ରଣ କ୍ଷେତ୍ରକୁ ଯିବା ପୂର୍ବରୁ ରେମୁଣା ଭାଜପାର ଦୁଇ ଗୋଷ୍ଠୀ ମଧ୍ୟରେ ଏଭଳି ମତ ଭେଦ ଦେଖାଦେବା, ସାଂସଦଙ୍କ ପାଇଁ ବୁମେରାଙ୍ଗ ହୋଇପାରେ ବୋଲି ରାଜନୀତି ଚର୍ଚ୍ଚାକାର ମାନେ କହୁଛନ୍ତି। ସେହିଭଳି ସଦର ନିର୍ବାଚନ ମଣ୍ଡଳୀରେ ମାନସ ଦତ୍ତ ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶଙ୍କ ମଧ୍ୟରେ ପ୍ରାର୍ଥୀତ୍ୱକୁ ନେଇ ଶୀତଳ ଯୁଦ୍ଧ ଚାଲିଥିବା ବେଳେ ମାନସଙ୍କ ପ୍ରାର୍ଥୀତ୍ୱ କୁ ସାଂସଦ ବିରୋଧ କରୁଛନ୍ତି। ତେଣୁ ଦଳରେ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବାର ରାଜନୀତି ମହଲରେ ଚର୍ଚ୍ଚା ହେଉଛି। ଜଳେଶ୍ୱରରେ ମଧ୍ୟ ପ୍ରାର୍ଥିତ୍ୱକୁ ନେଇ ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପୁଅ ଦିବ୍ୟକାମ ମହାନ୍ତି ଓ ପ୍ରବୀର ପ୍ରଧାନଙ୍କ ମଧ୍ୟରେ ଟଣା ଓଟରା ଚାଲିଥିବା ବେଳେ ସାଂସଦ ପ୍ରବୀରଙ୍କ ସପକ୍ଷରେ ଥିବା ଜାଣିବାକୁ ମିଳିଛି। ତେଣୁ ଏଭଳି ପରିସ୍ଥିତିରେ ସାଂସଦ ଓ ଭାଜପା ଜିଲ୍ଲା ସଭାପତି ନିର୍ବାଚନୀ ସଜବାଜ ଓ ନିର୍ବାଚନୀ ପରିଚାଳନା କେଉଁ ଭଳି କରିବେ, ତାହାକୁ ନେଇ ରାଜନୀତି ମହଲରେ ଜୋର ଚର୍ଚ୍ଚା ହେଉଛି।



ବସ୍ତା ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

# ସୁବର୍ଣ୍ଣରେଖା ନଦୀରୁ ମୃତଦେହ ଉଦ୍ଧାର

ବାଲିଆପାଳ, ୨୯।୩ (ସମିସ) : ବାଲିଆପାଳ ଥାନା ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତ ବଡ ତାଳପଦା ନିକଟସ୍ଥ ସୁବର୍ଣ୍ଣରେଖା ନଦୀରେ ଆଜି ସକାଳେ ଏକ ଅଜଣା ଯୁବକର ମୃତଦେହ ଭାସୁଥିବାର ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ।ଏ ସଂକ୍ରାନ୍ତରେ ବାଲିଆପାଳ ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।ଖବର ପାଇ ଉଭୟ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ନଦୀ ଭିତରୁ ଉଦ୍ଧାର କରିଥିଲେ।ମୃତଦେହ ବେକରେ ଏକ ଗାମୁଛା ଗୋଡା ଯାଇଥିବା ବେଳେ ତା ପଛରେ ଏକ ଅଖା ବନ୍ଧା ଯାଇଥିଲା। ମୃତ ଯୁବକର ବୟସ ତିରିଶ ରୁ ବତିଷ ବର୍ଷର ହୋଇଥିବା ଅନୁମାନ କରାଯାଉଛି। ସମ୍ପୃକ୍ତ ଯୁବକ ଜଣକୁ ହତ୍ୟାକରି ନଦୀରେ କେହି ଫିଙ୍ଗିଦେଇଥିବା ସ୍ଥାନୀୟ ଲୋକ ସନ୍ଦେହ କରୁଛନ୍ତି। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ବେଳେ ମୃତ ଯୁବକଙ୍କ ପରିଚୟ ମିଳିପାରି ନାହିଁ।

# ପୁନରୁଦ୍ଧାର ହେବ ପୌରାଞ୍ଚଳର ୧୭ ପୋଖରୀ



ବାଲେଶ୍ୱର, ୨୯।୩(ସମିସ):

ଭୂତଳ ଜଳର ସଂରକ୍ଷଣ ଓ ବୃଦ୍ଧି କରିବାରେ ଗାଡ଼ିଆ ଓ ପୋଖରୀର ଭୂମିକା ଅଧିକ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆମ ପୋଖରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ବାଲେଶ୍ୱର ପୌରାଞ୍ଚଳର ୧୭ଟି ପୋଖରୀକୁ ସାମିଲ କରାଯାଇଛି। ଏହା ମଧ୍ୟରୁ ପାଞ୍ଚଟି ପୋଖରୀର ପୁନରୁଦ୍ଧାର କରିବା ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଛି। ଖୁବଶୀଘ୍ର ଏହି ପୋଖରୀ ଗୁଡିକର ନବୀକରଣ ପୂର୍ବକ ପୁନରୁଦ୍ଧାର କରାଯିବ ବୋଲି ପୌରପାଳିକା ସୂତ୍ରରୁ ଜାଣିବାକୁ ମିଳିଛି। ବାଲେଶ୍ୱର ପୌରାଞ୍ଚଳରେ ବର୍ତ୍ତମାନ ସତରଟି ପୋଖରୀକୁ ସାମିଲ କରାଯାଇଛି। ଏହି ପୋଖରୀ ଗୁଡିକର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କରାଯିବା ପାଇଁ ପୌରପାଳିକା ଲକ୍ଷ୍ୟ ରଖିଛି। ହେଲେ ବିଭାଗୀୟ ଅବହେଳା ପାଇଁ କାର୍ଯ୍ୟ ଆରମ୍ଭରେ ବିଳମ୍ବ ହେଉଛି। ଏହି ଯୋଜନା ଦାୟିତ୍ୱରେ ଥିବା ପୌରପାଳିକାର ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ଜାଣିବାକୁ ମିଳିଛି, ଆମ ପୋଖରୀ ଯୋଜନାରେ ସହରର ଗୋଳା ପୋଖରୀ, ମୁନିସିପାଲଟି ପୋଖରୀ, ପୋଲିସ ଲାଇନର ପଡୁଆପଦା ପୋଖରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ପୋଖରୀ, ଇଶାନ ନଗର ଅଞ୍ଚଳରେ ଥିବା ବାଲିଗଡ଼ିଆପୋଖରୀ, ରାମେଶ୍ୱର ନଗର ପୋଖରୀ, ସାଇଶ୍ୱର ପୋଖରୀ, ମଲ୍ଲିକସାହି ପୋଖରୀ, ପୁରୁଣା ବାଲେଶ୍ୱର ପୋଖରୀ, ବାଲିଘାଟ ପୋଖରୀ, ବାରବାଟୀ ପୋଖରୀ, ଆଗା ପୋଖରୀ, ଅପର୍ଣ୍ଣା କ୍ଲବ ପୋଖରୀ, ଚୁନଭାଟି ପୋଖରୀ, ଗୋପାଳଗାଁ ତଳ ପୋଖରୀ, କିଆ ଗୋହିରୀ ପୋଖରୀ ଓ ଶାନ୍ତିକାନନ ପୋଖରୀ ଭଳି ସତରଟି ପୋଖରୀକୁ ଆମ ପୋଖରୀ ଯୋଜନାରେ ଅନ୍ତର୍ଭୂକ୍ତ କରାଯାଇଛି।ପ୍ରାଥମିକ ପର୍ଯ୍ୟାୟରେ ଗୋଳା ପୋଖରୀ, ମ୍ୟୁନିସିପାଲଟି ପୋଖରୀ, ପୁଲିସଲାଇନର ପଡୁଆପଦା ପୋଖରୀ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ପୋଖରୀର ପୁନରୁଦ୍ଧାର କରିବା ପାଇଁ ସରକାରଙ୍କ ଠାରୁ ଅର୍ଥ ଆସିଛି। ଗୋଳା ପୋଖରୀ ପାଇଁ ୨୧ଲକ୍ଷ ୬୮ହଜାର, ମ୍ୟୁନିସିପାଲଟି ପୋଖରୀ ପାଇଁ ୯ଲକ୍ଷ୪୫ହଜାର, ପଡୁଆପଦା ପୋଖରୀ ପାଇଁ୧୩ଲକ୍ଷ୮୬ହଜାର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ପୋଖରୀ ପାଇଁ ୧୪ଲକ୍ଷ ୮ହଜାର ଟଙ୍କା ସରକାର ମଞ୍ଜୁର କରିଛନ୍ତି। ପ୍ରଥମେ ଗୋଳା ପୋଖରୀ ଓ ମ୍ୟୁନିସିପାଲଟି ପୋଖରୀରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେଇଛି। ଖୁବଶୀଘ୍ର ଅନ୍ୟ ପୋଖରୀ ଗୁଡିକର କାର୍ଯ୍ୟ ଆରମ୍ଭ ହେବ ବୋଲି ଆମ ପୋଖରୀ ଯୋଜନାର ଦାୟିତ୍ୱରେ ଥିବା ପୌରପାଳିକାର ଅଧିକାରୀ ସୁଶାନ୍ତ କୁମାର ବେହେରା କହିଛନ୍ତି।ତେବେ ପଚାଶ ବର୍ଷ ପୂର୍ବରୁ ବାଲେଶ୍ୱର ପୌରାଞ୍ଚଳରେ ପଚାଶରୁ ଉର୍ଦ୍ଧ ପୋଖରୀ ରହିଥିଲା। ସେଗୁଡିକ ମଧ୍ୟରୁ ପଚାଶରୁ ଉର୍ଦ୍ଧ ପୋଖରୀ ଗୁଡିକୁ କାଳକ୍ରମେ ଲୋକମାନେ ବେଆଇନ ଭାବେ ପୋତି ଦେଇଛନ୍ତି। ସମ୍ପୃକ୍ତ ଜଳାଶୟ ଗୁଡିକ ସ୍ଥାନରେ ବର୍ତ୍ତମାନ ମୋଲ, ଆପାର୍ଟମେଣ୍ଟ ଓ ବଡ଼ବଡ଼ ବିଲ୍ଡିଂ ଛିଡା ହେଇଛି। ଆଉ ଯେଉଁ ପୋଖରୀ ଗୁଡିକ ବର୍ତ୍ତମାନ ସହରରେ ରହିଛି, ସେଗୁଡିକ ପରିତ୍ୟକ୍ତ ଅବସ୍ଥାରେ ଥାଇ ନିଜର ଅସ୍ତିତ୍ୱ ହରାଇବାକୁ ବସିଥିଲେ। ସରକାରଙ୍କ ଆମ ପୋଖରୀ ଯୋଜନାରେ ସାମିଲ ହେଇ ପୁନରୁଦ୍ଧାର ହେଲେ, ସମସ୍ତଙ୍କର ବ୍ୟବହାର ଯୋଗ୍ୟ ହେଇପାରିବ। ଭୂତଳ ଜଳ ସଂରକ୍ଷଣ ଓ ବୃଦ୍ଧି କରିବା ପାଇଁ ଆବଶ୍ୟକ। ଆମ ପୋଖରୀ ଯୋଜନା କାର୍ଯ୍ୟକାରୀ କରିବା ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ପ୍ରଶାନ୍ତ କୁମାର ପାଢ଼ୀ କହିଛନ୍ତି।

- ଜଉ କଣ୍ଢେଇ ବାହାଘର ଉତ୍ସବ କମିଟିର ସଭା

# ଏଥର ବରକନ୍ୟାଙ୍କ ନାଁ ଚନ୍ଦ୍ରମଣି ଓ ସୁଲୋଚନା



ବାଲେଶ୍ୱର, ୨୯।୩(ସମିସ): ଜଉ କଣ୍ଢେଇ ବାହାଘର ଉତ୍ସବ କମିଟି ପକ୍ଷରୁ ଏକ ସଭା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଉପସଭାପତି ଅଞ୍ଜଳି ପଣ୍ଡା, ସମ୍ପାଦକ ଡ଼ା, କୁମାର ଗୋପାଲ, ସହସମ୍ପାଦକ ରାଜେଶ ଗିରି, କୋଷାଧ୍ୟକ୍ଷ ବ୍ୟୋମନାଥ ରଥ, ମୁଖ୍ୟ ଉପଦେଷ୍ଟା କେଶୁ ଦାସ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ରହି ଜଉକଣ୍ଢେଇ ବାହାଘର କେମିତି ଜାକଜକମରେ ଅନୁଷ୍ଠିତ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତବର୍ଷ ନିର୍ବାଚନ ଥିବାରୁ ଆସନ୍ତା ଜୁନ ୮ ତାରିଖରୁ ଏହି ବାହାଘର କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହେବ। ଚଳିତବର୍ଷ କମିଟି ୬ ଦିନ ଏହି କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆଇଟିଆଇ ପଡ଼ିଆରେ ଏହା ଆୟୋଜିତ କରାଯିବ। ନିୟମ ଅନୁସାରେ ହୋଲିରେ ବର କନ୍ୟାଙ୍କ ନାମକରଣ କରାଯାଇଛି। ରାମ ନବମୀରେ କଣ୍ଢେଇ ନିର୍ମାଣ କାର୍ଯ୍ୟ କରାଯିବ। ଚନ୍ଦନ ପୂର୍ଣ୍ଣମୀ ଦିନ ଲଗ୍ନ ଧରା କାର୍ଯ୍ୟ ସମାପନ ହେବ। ଚଳିତ ବର୍ଷ ବର-କନ୍ୟାଙ୍କ ନାମ ଫକୀରମୋହନଙ୍କ ପେଟେଣ୍ଟ ମେଡ଼ିସିନ ଗଳ୍ପର ମୁଖ୍ୟ ଚରିତ୍ର ଚନ୍ଦ୍ରମଣି ଓ ସୁଲୋଚନା ରଖାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ଶିକ୍ଷାବିତ୍ ପଙ୍କଜ ଜେନା, ମଣିଚରଣ ଦାସ, ପ୍ରତିମା ପଣ୍ଡା, ମନସ୍ୱିନୀ ଦେବୀ, ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ପରିଡ଼ା, ପରେଶ ଦାଶ, ସେଖ୍ ଇକବାଲ, ସିନ୍ଧୁ ସେନ, ଇଂ ହୃଷିକେଶ ସାହୁ, ମନୋଜ କୁମାର ଦାସ, ରାଧାକୃଷ୍ଣ ଦାସ, ଶ୍ରୀରୂପା ମଞ୍ଜରୀ ସେନ, ରଚନା ସେନ ଓ ଅନିତା ରଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସହ ସମ୍ପାଦକ ରଘୁନାଥ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।




# ଚନ୍ଦନେଶ୍ୱରରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



ଚନ୍ଦନେଶ୍ୱର, ୨୯।୩ (ସମିସ): ଆସନ୍ତା ସାଧାରଣ ନିର୍ବାଚନ, ଚଡ଼କ ମେଳା, ରାମନବମୀ ଓ ଇଦୁଲଫିତର ଉପଲକ୍ଷେ ଚନ୍ଦନେଶ୍ୱର ଠାରେ ଆଜି ଜଳେଶ୍ୱର ଏସଡ଼ିପିଓ ଦିଲ୍ଲୀପ ସାହୁଙ୍କ ନେତୃତ୍ୱରେ ଚାରି ପ୍ଲାଟୁନ ପୁଲିସ ଫୋର୍ସ ଫ୍ଲାଗମାର୍ଚ୍ଚ କରିଥିଲେ। ଚନ୍ଦନେଶ୍ୱର ପେଟ୍ରୋଲପମ୍ପ ଠାରୁ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଗୋଲେଇ, ଚନ୍ଦନେଶ୍ୱର ମନ୍ଦିର ଓ ଚନ୍ଦନେଶ୍ୱର ଫାଣ୍ଡି ପର୍ଯ୍ୟନ୍ତ ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ, ଭୋଗରାଇ ଆଇଆଇସି ସୁଦୀପ୍ତ ସାହୁ, ଏଏସଆଇ ପିଥ ହେମରମ, ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ, ଜିଲ୍ଲା ବିଏସଏଫର ଜିଲ୍ଲା ଏସିଷ୍ଟେଣ୍ଟ କମାଣ୍ଡର ମନରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜଳେଶ୍ୱର ଏସଡ଼ିପିଓ ଦିଲ୍ଲୀପ ସାହୁ ଫ୍ଲାଗମାର୍ଚ୍ଚ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ପୁଲିସ ଯେକୌଣସି ପରିସ୍ଥିତିରେ ଯେକୌଣସି ଘଟଣାକୁ ଶାନ୍ତିପୂର୍ଣ୍ଣ ଭାବରେ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିଛି।






ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ

# ରୋଗ ପରୀକ୍ଷଣ ପାଇଁ ରୋଗୀ ହନ୍ତସନ୍ତ

ବାଲେଶ୍ୱର, ୨୯।୩(ସମିସ):



ଚିକିତ୍ସା ପାଇଁ ଏବେ ବି ହନ୍ତସନ୍ତ ହେଉଛନ୍ତି ରୋଗୀ। କାରଣ ରୋଗୀଟିଏ ଗୋଟିଏ ଜାଗାରେ ନିଜର ରୋଗ ଦେଖାଉଥିବା ବେଳେ ଆଉ ଗୋଟିଏ ଜାଗାକୁ ତାହାର ପରୀକ୍ଷା ପାଇଁ ଆସିବାକୁ ପଡୁଛି। ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲ ସମ୍ପୂର୍ଣ୍ଣ ଭାବେ ରେମୁଣାସ୍ଥିତ କ୍ୟାମ୍ପସକୁ ସ୍ଥାନାନ୍ତର ହୋଇନଥିବା ବେଳେ ଉତ୍ତମ ଚିକିତ୍ସା ପାଇବା ପାଇଁ ଅସୁବିଧା ଭୋଗୁଥିବା ରୋଗୀ ଅଭିଯୋଗ କରିଛନ୍ତି। ଏପରି ସମସ୍ୟା ପାଇଁ ଅନେକ ରୋଗୀ ରେମୁଣାରେ ଡାକ୍ତରଙ୍କୁ ଦେଖେଇବା ପରେ ଆଉ ରୋଗ ପରୀକ୍ଷା ପାଇଁ ସହରସ୍ଥିତ ମୁଖ୍ୟ ଚିକିତ୍ସାଳୟକୁ ଆସୁନାହାନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ମାସରେ ରେମୁଣାରେ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଉଦଘାଟିତ ହୋଇଯାଇଛି। ଉଦଘାଟନ ଦିନ ହସ୍ପିଟାଲ ଓପିଡିରେ ୭୦ ରୁ ଅଧିକ ଜଣ ରୋଗୀ ଚିକିତ୍ସିତ ମଧ୍ୟ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ରେମୁଣା ସ୍ଥିତ ମେଡିକାଲ କଲେଜ କ୍ୟାମ୍ପସକୁ ୫ଟି ବିଭାଗ ସ୍ଥାନାନ୍ତର ହୋଇଛି। ଆଉ ବାକି ମୁଖ୍ୟ ଚିକିତ୍ସାଳୟ ଅର୍ଥାତ୍ ଡିଏଚଏଚରେ ଚାଲିଛି। ସେହିପରି ମୁଖ୍ୟ ଚିକିତ୍ସାଳୟରେ ହେଉଥିବା ରୋଗ ପରୀକ୍ଷଣ ପାଇଁ ସମସ୍ତ ବ୍ୟବସ୍ଥା ମଧ୍ୟ ରେମୁଣାରେ ଆରମ୍ଭ ହୋଇନାହିଁ। ଫଳରେ ରେମୁଣାକୁ ଯାଉଥିବା ରୋଗୀମାନେ ଡାକ୍ତର ଦେଖାଇବା ପରେ ରୋଗ ନିରୂପଣ ବା ପରୀକ୍ଷଣ ପାଇଁ ପୁଣି ମୁଖ୍ୟ ଚିକିତ୍ସାଳୟକୁ ଆସିବାକୁ ପଡୁଛି। ଯାହା ଫଳରେ ରୋଗୀଙ୍କୁ ଅଧିକ ସମସ୍ୟା ଭୋଗିବାକୁ ପଡୁଛି ବୋଲି କହିଛନ୍ତି। ରକ୍ତ ପରୀକ୍ଷାଠୁ ଆରମ୍ଭ କରି ଏକ୍ସରେ, ସିଟି ସ୍କାନ୍, ଏମଆର୍ ଆଇ ଆଦି ପରୀକ୍ଷା ଚାଲିଛି। ଏହାବ୍ୟତୀତ ସିଟି ସ୍କାନ ମେସିନ୍ ଗୋଟିଏ ରହିଛି। ଯାହା ଉପରେ ସାରା ବାଲେଶ୍ୱର ସହ ଉଦଳା, ଖୁଣ୍ଟା, ବୈଶିଙ୍ଗା ଏବଂ ପଶ୍ଚିମବଙ୍ଗର ରୋଗୀ ମଧ୍ୟ ନିର୍ଭରଶୀଳ। ଏପରି ସ୍ଥଳେ ମେଡିକାଲ କଲେଜ ଓ ହସପିଟାଲକୁ ଯାଉଥିବା ରୋଗୀ ପରୀକ୍ଷା ତଥା ସିଟି ସ୍କାନ୍ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିବାକୁ ପଡୁଛି। ମେଡିକାଲ କଲେଜକୁ ଯାଇ ପୁଣି ମୁଖ୍ୟ ଚିକିତ୍ସାଳୟକୁ ଆସିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ଏବେବି ସମସ୍ତ ପ୍ରକାର ଟେଷ୍ଟ ଏକ୍ସରେ, ସିଟି ସ୍କାନ୍, ଏମଆରଆଇ ଏବଂ ରକ୍ତ ପରୀକ୍ଷା ଆଦି ମୁଖ୍ୟ ଚିକିତ୍ସାଳୟରେ କରାଯାଉଛି। ବିଶେଷକରି ମେଡିସିନ ବିଭାଗକୁ ଯାଉଥିବା ରୋଗୀମାନେ ହଇରାଣ ହୋଇ ପରୀକ୍ଷା ପାଇଁ ମୁଖ୍ୟ ଚିକିତ୍ସାଳୟକୁ ଆସୁଛନ୍ତି। ଅଲଟ୍ରାସାଉଣ୍ଡ ରେମୁଣାକୁ ସ୍ଥାନାନ୍ତର ହୋଇଥିବା ବେଳେ ବାକି ସମସ୍ତ ପରୀକ୍ଷା ପାଇଁ ମୁଖ୍ୟ ଚିକିତ୍ସାଳୟକୁ ରୋଗୀଙ୍କୁ ଆସିବାକୁ ପଡୁଛି। ଏପରି ସମସ୍ୟାର ସମ୍ମୁଖୀନ ହୋଇ ଅନେକ ରୋଗୀ ପରୀକ୍ଷା ପାଇଁ ମଧ୍ୟ ଆସୁନାହାନ୍ତି ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ବିଶେଷକରି ମେଡିସିନ୍ ବିଭାଗକୁ ଯାଉଥିବା ରୋଗୀମାନେ ଏପରି ସମସ୍ୟାର ସମ୍ମୁଖିନ ହେଉଥିବା ମତବ୍ୟକ୍ତ କରିଛନ୍ତି। କାରଣ ଏହି ବିଭାଗରେ ସମସ୍ତ ପ୍ରକାରର ଜ୍ୱର, ଶରୀରର ବିଭିନ୍ନ ଅଙ୍ଗକୁ ପ୍ରଭାବିତ କରୁଥିବା ସଂକ୍ରମଣ, ସମସ୍ତ ମେଟାବୋଲିକ୍ ରୋଗ ଏବଂ ଏଣ୍ଡୋକ୍ରାଇନ୍ ରୋଗ ଯେପରିକି ଡାଇବେଟିସ୍, ଥାଇରଏଡ୍, କୋଲେଷ୍ଟ୍ରୋଲ୍, ମୋଟାପଣ, ରକ୍ତ ଚାପ ପରି ରୋଗ ଦେଖେଇବାକୁ ରୋଗୀ ଯାଇଥାନ୍ତି। ଯାହା ଦ୍ୱାରା ଡାକ୍ତର ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥାନ୍ତି। ପରୀକ୍ଷା ପରେ କେଉଁ ରୋଗ ହୋଇଛି ତାହା ରିପୋର୍ଟ ଦେଖି ଡାକ୍ତର ଔଷଧ ପାଇଁ ପରାମର୍ଶ ଦିଅନ୍ତି। ତେବେ ଏହି ପରୀକ୍ଷା ପାଇଁ ହଇରାଣ ହେବାକୁ ପଡୁଛି। ଅନେକ ରୋଗୀ ବର୍ତ୍ତମାନ କେଉଁଠି ପରୀକ୍ଷା ହେଉଛି ତାହା ମଧ୍ୟ ନଜାଣି ବାହାରେ ଖର୍ଚ୍ଚାନ୍ତ ହୋଇ ପରୀକ୍ଷା କରାଉଛନ୍ତି। ଏ ବାବଦରେ ଫକୀରମୋହନ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ରେଜିଷ୍ଟ୍ରାର ମନୋରମା ଭୂୟାଁଙ୍କୁ ପଚାରିବାରୁ କହିଥିଲେ, ରେମୁଣା ମେଡିକାଲ କଲେଜ ଓ ହସପିଟାଲରେ ଆମର ଲାବରୋଟୋରୀ ରହିଛି। ଏଠାରେ ଟେଷ୍ଟ ସହ ଅଲଟ୍ରାସାଉଣ୍ଡ ପରୀକ୍ଷା କରାଯାଉଛି। ଏହାବ୍ୟତୀତ ରକ୍ତ ନମୁନା ପାଇଁ ଆମ ତରଫରୁ ପରୀକ୍ଷା କରାଯାଇ ଏଠାରେ ହିଁ ରୋଗୀଙ୍କୁ ରିପୋର୍ଟ ଦିଆଯାଉଛି। ରୋଗୀଙ୍କୁ କୁଆଡେ ଯିବାକୁ ପଡୁନି। ଏହାବ୍ୟତୀତ ବର୍ତ୍ତମାନ ସୁଦ୍ଧା ସିଟି ସ୍କାନ ଓ ଏମ ଆର୍ ଆଇ ଡିଏଚଏଚରେ ପିପିପି ମୋଡରେ ଚାଲିଛି। ତାହା ଏଠାକୁ ସ୍ଥାନାନ୍ତର ନିଷ୍ପତ୍ତି ଉଚ୍ଚ କର୍ତ୍ତୃପକ୍ଷ ନେବେ।

# ୮୪ ବର୍ଷରେ ମା' ଶୀତଳା ଦେବୀଙ୍କ ପୂଜାଉତ୍ସବ



ବାଲେଶ୍ୱର, ୨୯।୩ (ସମିସ): ରେମୁଣା ବ୍ଲକ ତେନ୍ତୁଳିଦା ପଞ୍ଚାୟତ ସୋନ ନଦୀକୂଳରେ ଅବସ୍ଥିତ ଐତିହସିକ ଗ୍ରାମ ବୋଇତବାଙ୍କରେ ମା'ଶୀତଳା ଦେବୀଙ୍କ ସପ୍ତଦିନାତ୍ମକ ପୂଜା ଶନିବାରଠାରୁ ଆରମ୍ଭ ହେବ। ୧୯୪୦ ରୁ ଆରମ୍ଭ ହୋଇଥିବା ଏହି ପୂଜା ଉତ୍ସବ ୮୪ ବର୍ଷରେ ପଦାର୍ପଣ କରିଛି। ଏହି ରେମୁଣା ଅଞ୍ଚଳର ସର୍ବ ପୁରାତନ ପୂଜା ଉତ୍ସବ ହୋଇଥିବାରୁ ସବୁଠି ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ମା'ଶୀତଳା ପୂଜା କମିଟି ତରଫରୁ ପୂଜା କାର୍ଯ୍ୟକୁ ସୁରୁଖୁରୁରେ ସଞ୍ଚାଳନ ପାଇଁ ବ୍ୟବସ୍ଥା ହୋଇଛି। ସୋତ୍ରୀୟ ବ୍ରାହ୍ମଣ ମାନଙ୍କ ଦ୍ୱାରା ପ୍ରତ୍ୟେକ ଦିନ ମା'ଙ୍କ ନିକଟରେ ନିତ୍ୟାନ୍ତି ପୂଜା, ଚଣ୍ଡୀ ପାଠ ଓ ହୋମ ଯଜ୍ଞ ଓ ଆରତୀ କରାଯିବ। ସନ୍ଧ୍ୟାରେ ମା'ଙ୍କ ପ୍ରସିଦ୍ଧ ଆରତୀ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। କମିଟି ତରଫରୁ ଶ୍ରଦ୍ଧାଳୁଙ୍କ ପାଇଁ ଭୋଗ ବଣ୍ଟନ, ପ୍ରସାଦ ସେବନ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଲୋକପ୍ରିୟ କଳାକାରଙ୍କୁ ନେଇ ସଙ୍ଗୀତ ସନ୍ଧ୍ୟାର ଆୟୋଜନ କରାଯାଇଛି। ଶ୍ରଦ୍ଧାଳୁମାନେ ବିପୁଳ ସଂଖ୍ୟାରେ ପୂଜା ଉତ୍ସବରେ ଯୋଗଦେଇ ମା'ଙ୍କ କୃପା ଲାଭ କରିବାକୁ କମିଟି ତରଫରୁ ଆଗ୍ରହ କରାଯାଇଛି। ପୂଜା କାର୍ଯ୍ୟରେ ବୋଇତବାଙ୍କ ଗ୍ରାମବାସୀ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥାନ୍ତି। ଆସନ୍ତା ୫ ତାରିଖରେ ମା'ଙ୍କ ସ୍ୱଗୃହ ପ୍ରତ୍ୟାବର୍ତ୍ତନ ହୋଇ ଏହି ପୂଜା ଉତ୍ସବ ଶେଷ ହେବ।

ଫକୀରମୋହନ ମେଡିକାଲ କଲେଜ

# ପ୍ରଥମ ଶିକ୍ଷାବର୍ଷର ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ବାଲେଶ୍ୱର, ୨୯।୩(ସମିସ): ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରୁ କୃତିତ୍ୱର ସହ ପ୍ରଥମ ବ୍ୟାଚ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ୯୮ଜଣ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର ଦିନ ଅପରାହ୍ନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଷ୍ଟେସନ କ୍ଲବ୍ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କମିଟିର ସଭାପତି ନିରଞ୍ଜନ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଅତିଥି ଓ ବକ୍ତାଭାବେ ଜିଲ୍ଲା ପରିଷଦର ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ବ୍ରିଟ୍‌ର ଅଧ୍ୟକ୍ଷ ଆଲୋକ କୁମାର ସାହୁ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଇମାମୀ ପେପର ମିଲ୍‌ର ଅଧିକାରୀ ମନୋଜ କୁମାର ପାଢ଼ୀ, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଡା. ମୀରା ପତିଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ପୂର୍ବତନ ସଭାପତି ପ୍ରଫେସର ଅନନ୍ତ ପ୍ରଧାନ, ପୂର୍ବତନ କାର୍ଯ୍ୟକାରୀ ସଭାପତି ରୋଟାରିୟାନ୍ ସୁବ୍ରତ କର, କାର୍ଯ୍ୟକାରୀ ସଭାପତି ଇଂ. ହୃଷିକେଶ ସାହୁ ଓ ସାଧାରଣ ସମ୍ପାଦକ ପ୍ରଦୀପ ଦାସ ମଞ୍ଚାସୀନ ଥାଇ ସେମାନଙ୍କ ବକ୍ତବ୍ୟରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟିର ଦୀର୍ଘ ବର୍ଷ ସଂଗ୍ରାମର ଇତିହାସ ସମ୍ପର୍କରେ ସୂଚନା ଦେଇ ନୂତନ ଡାକ୍ତରମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମସ୍ତ ଅତିଥି ଓ କର୍ମକର୍ତ୍ତାମାନେ ପ୍ରତ୍ୟେକ ଡାକ୍ତରଙ୍କୁ ପୁଷ୍ପ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ବ୍ୟାସକବି ଫକୀରମୋହନଙ୍କ ଫଟୋଚିତ୍ରରେ ଅତିଥିମନେ ପୁଷ୍ପ ପ୍ରଦାନ କରିଥିଲେ। ଡ.କ୍ଷିତିଶ୍ୱର ଦାଶ ଆଶୀର୍ବାଦ ଶ୍ଳୋକ ପାଠ କରିଥିଲେ। ଜନସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ସମ୍ବର୍ଦ୍ଧନାର ପ୍ରତିଉତ୍ତରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଡା. କୀର୍ତ୍ତିମାନ ସାହୁ ଓ ଡାକ୍ତର ତନୁଜା ପଣ୍ଡା ମେଡିକାଲ କଲେଜ ପ୍ରତିଷ୍ଠାରେ ଓ ସେମାନଙ୍କ ଡାକ୍ତରୀ ଶିକ୍ଷାଗ୍ରହଣ ସମୟରେ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଭୂମିକା ସେମାନଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରି ସମ୍ବର୍ଦ୍ଧନା ପାଇଁ କୃତଜ୍ଞତା ଜଣାଇଥିଲେ। ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଆନ୍ଦୋଳନରେ ସହଯୋଗ କରିଥିବା ବହୁ ସାମଜିକ ସଂଗଠନ, ଶିଳ୍ପ ପ୍ରତିଷ୍ଠାନ, ଗଣସଂଗଠନ ଓ ଶିକ୍ଷା ନୁଷ୍ଠାନର ପ୍ରତିନିଧି ମାନେ ଏହି ଉତ୍ସବରେ ଯୋଗଦେଇ ନୂତନ ଡାକ୍ତରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# ସାହାରା ଇଣ୍ଡିଆ ଜମାକାରୀ ଓ ଏଜେଣ୍ଟଙ୍କ ସମାବେଶ ପ୍ରସ୍ତୁତି




ବାଲେଶ୍ୱର, ୨୯।୩(ସମିସ): ସାହାରା ଇଣ୍ଡିଆ ଜମାକାରୀ ଓ ଏଜେଣ୍ଟ ମାନଙ୍କର ମିଳିତ ମଞ୍ଚର ନେତୃମଣ୍ଡଳୀଙ୍କ ବୈଠକ ଶୁକ୍ରବାର ଦିନ ସ୍ଥାନୀୟ ଉଠାଜଳ ସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ସଭାପତି ମନୋରଞ୍ଜନ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ।ଗତ ୨୦ତାରିଖରେ ମଞ୍ଚ ପକ୍ଷରୁ ହେବାକୁ ଥିବା ଆନ୍ଦୋଳନ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲେ ମଧ୍ୟ, ସମ୍ପୃକ୍ତ ଦିନ ତମାମ ଲଗାତର ବର୍ଷା ହେବା କାରଣରୁ ଆନ୍ଦୋଳନ କୁ ସ୍ଥଗିତ ରଖାଯାଇ ଥିଲା। ମାତ୍ର କର୍ମକର୍ତ୍ତା ମାନଙ୍କ ନିଷ୍ପତ୍ତି ମୂଳେ ଆସନ୍ତା ତିନି ତାରିଖ ବୁଧବାର ଦିନ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଶୋଭାଯାତ୍ରା ଓ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ ବୋଲି ମଞ୍ଚର ସାଧାରଣ ସମ୍ପାଦକ କାର୍ତ୍ତିକ ଚାନ୍ଦ କହିଛନ୍ତି।ଏପ୍ରିଲ୍ ୩ ତାରିଖ ଦିନ ୧୦ ଟାରେ ବାଲେଶ୍ୱର ରେଳ ଷ୍ଟେସନରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ପହଞ୍ଚିବ। ସେଠାରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବା ସହିତ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ଶ୍ରୀ ଚାନ୍ଦ କହିଥିଲେ।ତାଙ୍କର ଏହି ପ୍ରସ୍ତାବକୁ ଉପସ୍ଥିତକ ସଦସ୍ୟମାନେ ସ୍ୱାଗତ ଜଣାଇଥିଲେ। ସମଗ୍ର ଜିଲ୍ଲାର ଜମାକାରୀ ମାନେ ଏହି ଆନ୍ଦୋଳନରେ ଯୋଗଦେବ ପାଇଁ ମଞ୍ଚ ତରଫରୁ ବୈଠକରେ ଉପସ୍ଥିତ ଥିବା ମଞ୍ଚ କର୍ମକର୍ତ୍ତା ମାନେ ନିବେଦନ କରିଛନ୍ତି। ଏହି ବୈଠକରେ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ମନୋଜ କୁମାର ବେହେରା, ସୁରଜ ପ୍ରକାଶ ପଣ୍ଡା, ଭାସ୍କର ମଲ୍ଲିକ, ଅନନ୍ତ ଶତପଥୀ, ନିରଞ୍ଜନ ଶତପଥୀ, ଶରତଚନ୍ଦ୍ର ଦଳାଇ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଯୋଗଦେଇ ଆଲୋ ଲୋଚନାରେ ଅଂଶଗ୍ରହଣ କରିଥିଲେ। ଜମାକାରୀ ମନ୍ମଥ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବାଲ୍ୟବିବାହ ବିଲୋପ ପାଇଁ ୧୮ ବର୍ଷ ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା ଦାବି

ବାଲେଶ୍ୱର, ୨୯।୩(ସମିସ): ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ୧୮ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କ ପାଇଁ ବାଲ୍ୟବିବାହ ମୁକ୍ତ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ଏହି ଉପଲକ୍ଷେ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ବାଲ୍ୟବିବାହ ଭଳି ସାମାଜିକ ଅପରାଧକୁ ବିଲୋପ କରିବା ପାଇଁ ମିଳିତ ପଦକ୍ଷେପ ନେବା ଉଚିତ୍ ବୋଲି ବାଲେଶ୍ୱରର ସାମାଜିକ ସଂଗଠନ ବସ୍ତି ଏରିଆ ଡେଭଲପମେଣ୍ଟ କାଉନସିଲ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ସମସ୍ତ ଶିଶୁମାନଙ୍କୁ ୧୮ ବର୍ଷ ପର୍ଯ୍ୟନ୍ତ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା କରିବା ଉଚିତ୍ ଏବଂ ସମସ୍ତ ରାଜନୈତିକ ଦଳ ଆସନ୍ତା ଲୋକସଭା ନିର୍ବାଚନରେ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନକୁ ସ୍ଥାନ ଦେବା ଉଚିତ ବୋଲି ବିଜ୍ଞପ୍ତିରେ ଜଣାଇଛନ୍ତି। ତେବେ ସାମାଜିକ ସଂଗଠନ ବସ୍ତି ଏରିଆ କାଉନସିଲ ସମ୍ପାଦକଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲାରେ ୨୦୨୩ ମେ ମାସରୁ ଏପର୍ଯ୍ୟନ୍ତ ୪୪ଟି ବାଲ୍ୟବିବାହ ବନ୍ଦ କରାଯାଇଛି ଏବଂ ସାରା ରାଜ୍ୟରେ ବାଲ୍ୟବିବାହ ବନ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କଠାରେ ଦାବି କରିଛନ୍ତି। ଜିଲ୍ଲାରେ ମହିଳା ସାକ୍ଷରତା ୬୩.୩୫ ପ୍ରତିଶତ ଥିବାବେଳେ ବାଲ୍ୟବିବାହ ୨୮ ପ୍ରତିଶତ ବୋଲି ଜଣାପଡ଼େ। ଏହି ବାଲ୍ୟବିବାହକୁ ରୋକିବା ପାଇଁ ସଂଗଠନ ପକ୍ଷରୁ ବାଲ୍ୟବିବାହ ମୁକ୍ତ ଅଭିଯାନର ସଚେତନତା କାର୍ଯ୍ୟକ୍ରମ, ଆଇନଗତ କାର୍ଯ୍ୟାନୁଷ୍ଠାନ, ବାଲ୍ୟବିବାହ ବନ୍ଦ ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ବାଲ୍ୟବିବାହ ମୁକ୍ତ ଭାରତ ୨୦୩୦ କେବଳ ୧୮ ବର୍ଷ ପର୍ଯ୍ୟନ୍ତ ନିଶୁଳ୍କ ଶିକ୍ଷା ଦ୍ୱାରା ସମ୍ଭବ ବୋଲି ସଂଗଠନ ସମ୍ପାଦକ ଗୋପାଳ କୃଷ୍ଣ କର ମତବ୍ୟକ୍ତ କରିଛନ୍ତି।

# ଏକାଡେମୀ ଅଫ୍ ବିଜ୍‌ନେସ୍ ଆଡମିନ୍‌ଷ୍ଟ୍ରେସନର ବାର୍ଷିକ ଉତ୍ସବ




ବାଲେଶ୍ୱର, ୨୯।୩(ସମିସ): ଏକାଡେମୀ ଅଫ ବିଜ୍‌ନେସ ଆଡମିନଷ୍ଟ୍ରେସନ (ଏବିଏ)ର ବାର୍ଷିକ ଉତ୍ସବ କୁରୁଡାସ୍ଥିତ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ପ୍ରଫେସର ବ୍ରଜମୋହନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉନ୍ନତ ଭବିଷ୍ୟତ ଗଢିବା ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଜଣେ ଜଣେ ସଫଳ ଉଦ୍ୟୋଗୀ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲିଆପାଳ ବ୍ଲକର ଜଗାଇସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ପ୍ରଫେସର ଦୟାନିଧି ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ର ଜୀବନର ଅନୁଭୂତି ଏବଂ ଶିକ୍ଷା ଗ୍ରହଣରୁ ଅଭିଜ୍ଞତା ଲାଭ କରିପାରିଲେ ସଫଳ ଭବିଷ୍ୟତ ଗଠନ ସମ୍ଭବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ସୁଧାସିନ୍ଧୁ ପଣ୍ଡା ସଭାପତିତ୍ୱ କରିଥିଲେ। ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ପିୟୁଷ ମୋରେ ଓ ପରିଚାଳନା ସମିତି ସମ୍ପାଦିକା ଅଞ୍ଜଳି ପଣ୍ଡା ଉପସ୍ଥିତ ରହି ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ ସମଗ୍ର ପୂର୍ବଭାରତରେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିଛି ବୋଲି କହିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ସଙ୍ଗୀତା ମହାନ୍ତି ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଅନ୍ୟତମ ନିର୍ଦ୍ଦେଶକ କମଳାକାନ୍ତ ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏମବିଏ ଛାତ୍ରୀ ସୁମନ ପଣ୍ଡା ମଞ୍ଚ ପରଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା।

ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହେଲା 'ଗୁଡ୍ ଫ୍ରାଇଡେ'

# ସହର ପରିକ୍ରମା କଲା କ୍ରୁଶ ଶୋଭାଯାତ୍ରା

ବାଲେଶ୍ୱର, ୨୯।୩(ସମିସ):




ସମଗ୍ର ବିଶ୍ୱରେ ଆଜି 'ଗୁଡ୍ ଫ୍ରାଇଡେ' ବା ଶୁଭ ଶୁକ୍ରବାର ପାଳିତ ହୋଇଥିବା ବେଳେ ବାଲେଶ୍ୱର ସହରର ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ମଧ୍ୟ ଶ୍ରଦ୍ଧା ଓ ଭକ୍ତିର ସହିତ ଏହାକୁ ପାଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ସକାଳରୁ ସ୍ନାନାଦି କାର୍ଯ୍ୟ ସମାପନ ସହ ନୂଆବସ୍ତ୍ର ପରିଧାନ ପୂର୍ବକ ଖ୍ରୀଷ୍ଟଧର୍ମୀ ଭାଇ-ଭଉଣୀମାନେ ଚର୍ଚ୍ଚରେ ପହଞ୍ଚି ପ୍ରଭୁଯୀଶୁଙ୍କୁ ପ୍ରାର୍ଥନା କରିଥିଲେ। ସେହିଭଳି ଅପରାହ୍ନ ସମୟରେ ସହରର ଶ୍ରୀକଣ୍ଠପୁର କ୍ୟାଥୋଲିକ୍ ପଡ଼ାର ଷ୍ଟାର କ୍ଲବ ନିକଟରୁ ପ୍ରଭୁଙ୍କ କ୍ରୁଶଯାତ୍ରା ବା ଯାତନାର ଯାତ୍ରା ଆରମ୍ଭ ହୋଇଥିଲା। ଏହି ଯନ୍ତ୍ରଣାର ଯାତ୍ରା ସହର ପରିକ୍ରମା ସହ ସ୍ଥାନୀୟ ଚର୍ଚ୍ଚରେ ପହଞ୍ଚିଥିଲା। ମୌଳବାଦୀଙ୍କ ଦ୍ୱାରା ପ୍ରଭୁଯୀଶୁଙ୍କୁ ଦିଆଯାଇଥିବା ନିର୍ଯାତନାର ନିଦର୍ଶନ ସ୍ୱରୂପ ସହର ରାସ୍ତାର ୧୪ ଗୋଟି ସ୍ଥାନରେ ଏହାର ପ୍ରତିକୃତି ସ୍ଥାପିତ ହୋଇଥିଲା। ଏହି ଶୋଭାଯାତ୍ରା ଯାଉଥିବା ବେଳେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ମଧ୍ୟ କରାଯାଇଥିଲା। ଏହି ଯାତ୍ରା ଚର୍ଚ୍ଚରେ ପହଞ୍ଚିବା ପରେ ଏକ ସାମୂହିକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଧର୍ମମଣ୍ଡଳୀ ପରିଚାଳକ ଫାଦର ସାଜି ଯୋଶେଫ ଏଥିରେ ଯୋଗଦେଇ ମାନବ ସମାଜର ଉଦ୍ଧାର ପାଇଁ ପ୍ରଭୁ ଯୀଶୁ ଯାତନା ସହିବାକୁ ପଛାଇ ନଥିଲେ ବୋଲି କହିଥିଲେ। ପ୍ରେମ, ଶାନ୍ତି ଓ ଏକତା ପାଇଁ ଯେ ଯାତନା ସହିବାକୁ ପଡ଼େ, ପ୍ରଭୁ ଯୀଶୁ ୨ ହଜାର ବର୍ଷ ପୂର୍ବରୁ ମାନବ ସମାଜକୁ ଏହି ବାର୍ତ୍ତା ଦେଇଥିଲେ ବୋଲି ଫାଦର ସାଜି କହିଥିଲେ। ପୁଣ୍ୟ ଶୁକ୍ରବାରର ୪୦ ଦିନ ପୂର୍ବରୁ ଖ୍ରୀଷ୍ଟଧର୍ମୀ ଭାଇଭଉଣୀମାନେ ପବିତ୍ର ଶୁକ୍ରବାର ଉଦ୍ଦେଶ୍ୟରେ ଉପବାସ ବ୍ରତ ଆରମ୍ଭ କରିବା ସହିତ ପ୍ରଥମ ବୁଧବାର ଦିନରୁ ପ୍ରଭୁଙ୍କ କ୍ରୁଶବିଧ ଯନ୍ତ୍ରଣା ଅନୁଭବ କରିଥା'ନ୍ତି। ଏହି ଉପବାସର ପରିସମାପ୍ତି ୪୦ ଦିନର ଶେଷ ଶୁକ୍ରବାର ଦିନ ଘଟିଥାଏ। ତେବେ ପୁଣ୍ୟ ଶୁକ୍ରବାରର ପରଦିନ ଅର୍ଥାତ ଶନିବାର ରାତିରେ ପ୍ରଭୁଙ୍କ ପୁନଃରୁତ୍ଥାନକୁ ସଭିଙ୍କର ଅପେକ୍ଷା ଥାଏ ବୋଲି ଫାଦର ସାଜି ପ୍ରକାଶ କରିଥିଲେ। ପ୍ରାୟ ୨ ହଜାର ବର୍ଷ ପୂର୍ବେ ସମାଜର ଉଦ୍ଧାର ପାଇଁ ପ୍ରଭୁ ଯୀଶୁ କାର୍ଯ୍ୟ କରିବା ଦ୍ୱାରା ତାଙ୍କ ପ୍ରତି ସାଧାରଣ ଲୋକଙ୍କ ସମର୍ଥନ ଓ ଭଲପାଇବା ବୃଦ୍ଧି ପାଇବା ଦେଖି ତତ୍କାଳୀନ ମୌଳବାଦୀ ଚିନ୍ତାଧାରାର ଗୋଷ୍ଠୀମାନେ ଈର୍ଷାପରାୟଣ ହୋଇ ଉଠିଥିଲେ। ଯୀଶୁଙ୍କ ନିକଟକୁ ରାଜକ୍ଷମତା ଚାଲିଯିବା ଭୟରେ ସେମାନେ ତାଙ୍କୁ ଗିରଫ କରି ଅକଥନୀୟ ନିର୍ଯାତନା ଦେବା ସହ କ୍ରୁଶବିଧ କରି କରିଥିଲେ। ଏହି ଶୁକ୍ରବାର ଦିନ ତାଙ୍କର ମହାପ୍ରୟାଣ ଘଟିଥିଲା। ଏହି ଦିନକୁ ସ୍ମରଣୀୟ କରିବା ପାଇଁ ସମଗ୍ର ବିଶ୍ୱରେ ଯାତନାର ପର୍ବ ବା ପୁଣ୍ୟ ଶୁକ୍ରବାର ଭାବେ ପାଳିତ ହୋଇଆସୁଛି ବୋଲି ଫାଦର ସାଜି ଯୋଶେଫ ପ୍ରକାଶ କରିଥିଲେ। ତେବେ ଆଜିର ଏହି ଗୁଡ୍ ଫ୍ରାଇଡେ' ପାଳନରେ ଶ୍ରୀକଣ୍ଠପୁର ଅଞ୍ଚଳର ଖ୍ରୀଷ୍ଟଧର୍ମାବଲମ୍ବୀ ଯୁବକ ଯୁବତୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଉଦ୍ଦୀପନା ଲକ୍ଷ୍ୟ କରାଯାଇଥିଲା। ଫାଦର ଲିଜୋ, ଫାଦର ଜର୍ଜ ପ୍ରମୁଖ କ୍ୟାଥୋଲିକ ଚର୍ଚ୍ଚର ଫାଦର, ସିଷ୍ଟର ଓ ଧର୍ମମଣ୍ଡଳର ଯୁବଗୋଷ୍ଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରୀକଣ୍ଠପୁରସ୍ଥିତ ଷ୍ଟାର କ୍ଲବର ସଦସ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ



**ରାମଚନ୍ଦ୍ରପୁର,୨୯।୩(ସମିସ):** ନପଙ୍ଗା କୁଶେଇ ନଦୀ ଗର୍ଭରୁ ବେଆଇନ ଭାବେ ବାଲି ବୋଝେଇ କରି ଆସୁଥିବା ଏକ ଟ୍ରାକ୍ଟରକୁ ସ୍ଥାନୀୟ ବାତୋ ବଜାର ନିକଟରେ କାବୁ କରିଛି ରାମଚନ୍ଦ୍ରପୁର ପୁଲିସ । ଏଏସ୍ଆଇ ଧର୍ମେନ୍ଦ୍ର ମହାପାତ୍ର ଅନ୍ୟ ପୁଲିସ ସ୍କ୍ୱାର୍ଡ ଗାଡିଟିକୁ ଅଟକ ରଖି କାଗଜପତ୍ର ଯାଞ୍ଚ କରିଥିଲେ। ଗାଡ଼ି ଚାଳକ କୌଣସି ବୈଧ କାଗଜପତ୍ର ଦେଖାଇ ନପାରିବାରୁ ବାଲି ଗାଡିଟିକୁ ଜବତ କରିବା ସହ ଥାନାରେ ଏକ ମାମଲା ରୁଜୁ କରି ଗାଡି ଚାଳକ ଅତା ଗ୍ରାମର ଡମ୍ବରୁଧର ନାଥକୁ ଅଟକ ରଖିଥିବା ଜଣାପଡିଛି।

## ଶାସଙ୍ଗରେ ବାର୍ଷିକ ବାଦିପାଲା ଆରମ୍ଭ

ହାଟଡିହୀ,୨୯।୩(ସମିସ): ହାଟଡିହୀ ବ୍ଲକ୍ ଶାସଙ୍ଗ ଗ୍ରାମରେ ଦୀର୍ଘ ୪୦ବର୍ଷ ଧରି ବାର୍ଷିକ ପାଲା ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ସୁନାମଧନ୍ୟ ପାଲା ଗାୟକ ନୃସିଂହ ଚରଣ ହୋତା ଓ ଶିଶିର କୁମାର ପାଢ଼ୀଙ୍କ ମଧ୍ୟରେ ଆଜି ଠାରୁ ସୋମବାର ପର୍ଯ୍ୟନ୍ତ ଶାସଙ୍ଗ ଗ୍ରାମର ପାଲାମଣ୍ଡପଠାରେ ପାଲା ପରିବେଷଣ କରାଯିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିରାଟ ଆୟୋଜନ କରଯାଇଛି। ଚିନ୍ତାମଣି ପାଢ଼ୀଙ୍କ ପୌରୋହିତ୍ୟରେ ସତ୍ୟନାରାୟଣଙ୍କ କଳସ ପୂଜା କରାଯାଏ। ଅନୁଷ୍ଠାନର ସଭାପତି ସଞ୍ଜୟ ସ୍ୱାଇଁଙ୍କ ସହଯୋଗରେ ବାଳକୃଷ୍ଣ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଯେନା, ଖଗେଶ୍ୱର ବାରିକ, ଉଦୟନାଥ ବାରିକ, ଦୁର୍ଯ୍ୟୋଧନ ବିଶ୍ୱାଳ, ବୀରଭଦ୍ର ବିଶ୍ୱାଳ, ଗୋପୀନାଥ କୁଅଁର, ବନମାଳୀ ବେହେରା, ବୁଦ୍ଧଦେବ ଯେନା, ମୋହନ ଚରଣ ପାଢ଼ୀ, ଅନାଦି ରାଉତ ପ୍ରମୁଖ କାର୍ଯ୍ୟ ପରିଚାଳନା ଏବଂ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରୁ ବାର୍ଷିକ ସତ୍ୟନାରାୟଣ ପାଲା ଉତ୍ସବଟି ବଡ଼ ଧୁମଧାମରେ ପାଳନ କରାଯାଇଥାଏ।

## ରାସ୍ତାତଳକୁ ଖସିଲା ହାଇୱା



**ହାଟଡ଼ିହୀ,୨୯।୩(ସମିସ):** ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଚେତନା କେନ୍ଦ୍ର ଛକ ଠାରୁ ପୂର୍ବ ଦିଗକୁ ବିଦ୍ୟାଧରପୁର ଓ ଉତ୍ତର ଦିଗରେ ହଦଗଡ଼କୁ ଲମ୍ବିଥିବା ରାସ୍ତାର ମଧ୍ୟସ୍ଥଳୀରେ ବଡ଼ ବଡ଼ ପଥର ଓ ଚିପ୍ସ ଗଦା ରାସ୍ତା ଉପରେ ରହିଥିବା ନେଇ ଗତ ୨୪ ତାରିଖରେ 'ସକାଳ' ରେ ଖବର ପ୍ରକାଶ ପାଇଥିଲା। ସ୍ଥାନଟି ଏକ ଟର୍ଣ୍ଣିଂ ପଏଣ୍ଟ ହୋଇଥିବାରୁ ଏହି ପଥର ଓ ଚିପ୍ସ ଗଦା ପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଯାହାକି ନିଶ୍ଚିତ ଭାବେ ଏକ ଅଶୋଭନୀୟ ଅଟେ। ଆଜି ଦିବା ପ୍ରାୟ ସାଢ଼େ ୧ଟା ବେଳେ ଏକ ବାଲି ବୋଝେଇ ହାଇୱା ଟ୍ରକ୍ଟି ବିଦ୍ୟାଧରପୁର ଅଭିମୁଖେ ଯିବାନେଇ ଡାହାଣକୁ ବୁଲିବା ସମୟରେ ରାସ୍ତାତଳକୁ ଖସିଯାଇଥିଲା। ମାଟି ଦବିଯିବାରୁ ଗାଡ଼ିଟି ଡାହାଣକୁ ଢଳି ତଳେ ପଡ଼ିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲା। ଏଭଳି ସମ୍ଭାବ୍ୟ ଦୁର୍ଘଟଣାରୁ ଚାଳକ ଜଣକ ମଧ୍ୟ ନିଶ୍ଚିତ ଏକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରଶ୍ନ ଉଠେ, ଯଦି ହାଇୱା ଟ୍ରକଟି ଡାହାଣକୁ ସମ୍ପୂର୍ଣ୍ଣ ଭାବେ ଓଲଟି ଯାଇଥାନ୍ତା ତେବେ ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୁଣ୍ଟରେ ବାଡ଼େଇ ହୋଇ ନିହାତି ଏକ ବଡ଼ ଅଘଟଣ ଘଟିଥାଆନ୍ତା। ବ୍ୟସ୍ତବହୁଳ ଏହି ରାସ୍ତାରେ ଦୀର୍ଘମାସ ହେବ ପଥରଗଦା ପଡ଼ିଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ଉପରେ ପଥରଗଦା ହଟାଇବାକୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହୋଇଛି।

## ମହୁଲିମଦ ଜବତ; ୨ ଗିରଫ୍




**ହାଟଡ଼ିହୀ,୨୯।୩(ସମିସ):** ହାଟଡିହୀ ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ସ୍ମିତା ବେହେରାଙ୍କ ନେତୃତ୍ୱରେ ଏଏସ୍ଆଇ ବଳଭଦ୍ର ରାଉତ, କନଷ୍ଟେବଳ ନିବେଦିତା ମାଝୀ, ସୁରେଶ ଚନ୍ଦ୍ର ବେହେରା ପ୍ରମୁଖ ସୋସୋ ଥାନା ଅଧିନ ପୁରୁଣାପାଣି ଓ ସଢ଼ା ଅଞ୍ଚଳରେ ଚଢ଼ଉ କରି ୧୫ଲିଟର ଚୋରା ମହୁଲିମଦ ସହ ଏକ ବାଇକ୍ ଜବତ୍ କରିଛନ୍ତି। ଏହି କାରବାରରେ ସମ୍ପୃକ୍ତ ଚନ୍ଦନ ହାଁସଦା (୩୨) ଓ କୁନି ଜେନା(୫୯)କୁ ଗିରଫ କରିଛି ଅବକାରୀ ବିଭାଗ। ଅବକାରୀ ଆଇନ ଅନୁଯାୟୀ, ଅଭିଯୁକ୍ତଙ୍କୁ ମେଡ଼ିକାଲ ପରୀକ୍ଷା ପରେ କୋର୍ଟଚାଲାଣ କରାଯିବ ବୋଲି ଅଧିକାରୀ ସ୍ମିତା ବେହେରା କହିଛନ୍ତି।

### ଜାତୀୟ ରାଜପଥରେ ପାର୍କିଂ ଯୋଗୁଁ ଘଟୁଛି ଦୁର୍ଘଟଣା

# ୬ ମାସରେ ଗଡ଼ିଲାଣି ୧୦ ମୁଣ୍ଡ

ତୁରୁମୁଙ୍ଗା,୨୯।୩(ସମିସ)



କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ଏବେ ଆଇରନ ବୋଝେଇ ଟ୍ରକଙ୍କ କବ୍ଜାରେ। ରାଜପଥ ଉପରେ ବେଆଇନ ପାର୍କିଂ ବଡ଼ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବା ବେଳେ ଦୈନନ୍ଦିନ ଦୁର୍ଘଟଣା ଘଟି ଜୀବନହାନି ଘଟୁଛି। ଏହି ରାଜପଥରେ ଦୈନନ୍ଦିନ ଦୁର୍ଘଟଣା ଘଟି ଅନେକ ଜୀବନହାନି ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ଦିନକୁ ଦିନ ଆଇରନ୍ ବୋଝେଇ ଗାଡି ଗୁଡ଼ିକ ରାସ୍ତା ଉପରେ ଗାଡି ରଖୁଛନ୍ତି। କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଖିରେଇଟାଙ୍ଗିରୀ ଠାରୁ ତୁରୁମୁଙ୍ଗା ପର୍ଯ୍ୟନ୍ତ ରାଜପଥ ଉପରେ ଏବେ ବେଇଆନ ପାର୍କିଂ ଯୋଗୁଁ ଲୋକେ ନାହିଁ ନଥିବା ହଇରାଣ ରେ ସମ୍ମୁଖୀନ ହେଉଛନ୍ତି। ଖିରେଇଟାଙ୍ଗିରୀ ଉଚ୍ଚବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ ପଞ୍ଚାୟତ ସମ୍ମୁଖରେ ଆଇରନ ବୋଝେଇ ଟ୍ରକ ପାର୍କିଂ ଯୋଗୁ ଛାତ୍ରଛାତ୍ରୀ ସ୍କୁଲ ଯିବାକୁ ଭୟ କରୁଛନ୍ତି। ସେହିପରି ଖିରେଇଟାଙ୍ଗିରୀ ପଞ୍ଚାୟତ, ମେଡ଼ିକାଲ ସମ୍ମୁଖରେ ଗାଡି ପାର୍କିଂକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜପଥ ଉପରେ ବେଆଇନ ପାର୍କିଂ ଯୋଗୁ ଦୈନନ୍ଦିନ ଦୁର୍ଘଟଣା ଘଟି କିଏ ଗୁରୁତର ହେଉଛି ତ କିଏ ଆହତ ହେଉଛି ଆଉ କେହି ଦୁର୍ଘଟଣାର ଶିକାର ହୋଇ ମେଡ଼ିକାଲରେ ଜୀବନ ସହ ସଂଗ୍ରାମ କରି ମୃତ୍ୟୁବରଣ କରୁଛନ୍ତି। ତେବେ ତୁରୁମୁଙ୍ଗା ଥାନା ଅଧୀନ ଖିରେଇଟାଙ୍ଗିରୀ ଓ ତୁରୁମୁଙ୍ଗାରେ ରାଜପଥ ଉପରେ ଘଣ୍ଟା ଘଣ୍ଟା ଧରି ଗାଡି ପାର୍କିଂ ହେଉଥିଲେ ମଧ୍ୟ ସ୍ଥାନୀୟ ପୁଲିସ ଏବଂ ଏନ୍ଏଚ୍ଆଇ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଲୋକେ ଅଭିଯୋଗ କରିଛନ୍ତି। ଲୋକମାନଙ୍କ ଗମନାଗମନ ପାଇଁ ୪୯ ନମ୍ବର ଜାତୀୟ ରାଜପଥକୁ କୋଟି କୋଟି ଟଙ୍କା ବ୍ୟୟବରାଦ କରି ୪ ଲେନ କରାଯାଇଥିଲେ ମଧ୍ୟ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ସାଙ୍ଗକୁ ବେଆଇନ ପାର୍କିଂ ଯୋଗୁଁ ରାଜପଥ ପୂର୍ବ ପରି ଜାମ ରହୁଥିବା ଦେଖିବାକୁ ମିଳିଛି। ବେଆଇନ ପାର୍କିଂ ଯୋଗୁ ଗତ ୬ ମାସ ମଧ୍ୟରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଗୁରୁତର ଆହତ ହୋଇଛନ୍ତି। ପରିବହନ ବିଭାଗରଙ୍କ ମନମୁଖୀ କାର୍ଯ୍ୟ ଏବଂ ପୁଲିସର ନିଷ୍କ୍ରିୟତା ଯୋଗୁ ରାଜପଥ ଉପରେ ଲୁହାପଥର ବୋଝଇ ଗାଡି ଗୁଡିକ ପାର୍କିଂ କରୁଥିବା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ରାଜପଥ ଉପରୁ ବେଆଇନ ପାର୍କିଂ ଉଠାଇବା ସହ ଟ୍ରାନ୍ସପଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଶୌଚାଳୟ ପରିତ୍ୟକ୍ତ




**କେନ୍ଦୁଝର,୨୯।୩(ସମିସ):** କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଐତିହ୍ୟ କଥା କିଏ ବା ନଜାଣେ। ସମସ୍ତେ କହନ୍ତି କେନ୍ଦୁଝର କଲେକ୍ଟୋରେଟ ଭଳି କଲେକ୍ଟୋରେଟ ଓଡିଶାର ଅନ୍ୟ କୌଣସି ଜିଲ୍ଲାରେ ନାହିଁ। ଗୋଟିଏ ପରିସରରେ ପ୍ରାୟ ସମସ୍ତ ସରକାରୀ କାର୍ଯ୍ୟାଳୟ ଥିବା କଲେକ୍ଟୋରେଟ ମିଳିବା ମୁସ୍କିଲ। ଏଠାକୁ ବିଭିନ୍ନ ସରକାରୀ କାମରେ ପ୍ରତ୍ୟହ କାର୍ଯ୍ୟ ଦିବସ ଗୁଡିକରେ ଶହଶହ ଲୋକ ଆସିଥାନ୍ତି। ଅଭିଯୋଗ ଶୁଣାଣି ଦିବସର ଲୋକ ସଂଖ୍ୟା ବହୁମାତ୍ରାରେ ଅଧିକା ରହିଥାଏ। ଏହା ବ୍ୟତିତ ଜିଲ୍ଲାପାଳ କାର୍ଯ୍ୟଳୟ ପରିସରରର ଦରବାର ହଲ ଠାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବୈଠକ ମଧ୍ୟ ବସିଥାଏ। ଏପରିକି ବାହାର ଜିଲ୍ଲାର ଅଧିକାରୀ ମାନେ ମଧ୍ୟ ଏଠାକୁ ବହୁ ସରକାରୀ କାର୍ଯ୍ୟରେ ଆସିଥାନ୍ତି। ଏତଦ୍ ବ୍ୟତିତ ବର୍ଷ ତମାମ ବିଭିନ୍ନ ଦାବି ନେଇ ଆନ୍ଦୋଳନ, ଧାରଣା କାର୍ଯ୍ୟକ୍ରମ ଯୋଗୁଁ କଲେକ୍ଟୋରେଟରେ ଭିଡ ଲାଗିଥାଏ। ତେଣୁ ଛୁଟି ଦିବସ ଗୁଡିକ ବ୍ୟତିତ ଅନ୍ୟ ସମସ୍ତ କାର୍ଯ୍ୟ ଦିବସ ଗୁଡିକରେ କଲେକ୍ଟୋରେଟରେ ଜନଗହଳି ଲାଗିଥାଏ। ଅନେକ ମହିଳା ମଧ୍ୟ ବିଭିନ୍ନ କାମରେ ଏଠାକୁ ଆସିଥାନ୍ତି। କିନ୍ତୁ ଦୁଃଖର ବିଷୟ ମହିଳା ମାନଙ୍କ ନିମନ୍ତେ ଏଠାରେ ସୁରକ୍ଷିତ ଶୌଚାଳୟଟିଏ ହୋଇପାରିନାହିଁ। ଫଳରେ ସେମାନେ ନିତ୍ୟ କର୍ମ କରିବାକୁ ଏଠାରେ କିପରି ଅସୁବିଧାର ସମ୍ମୁଖିନ ହେଉଛନ୍ତି ଅଙ୍ଗେ ଲିଭାଇବା ଲୋକ ଅନୁଭବ କରିବ। ଏହି ସମସ୍ୟାର ସମାଧାନ ନିମନ୍ତେ କିଛି ବର୍ଷ ପୂର୍ବେ ଜିଲ୍ଲା ଜଳ ଓ ପରିମଳ ମିଶନ ଦ୍ୱାରା ଏକ ଶୌଚାଳୟ ନିର୍ମାଣ କରାଯାଇଥିଲା। ଆବଶ୍ୟକୀୟ ପାଣି ଏବଂ ରକ୍ଷଣାବେକ୍ଷଣ ଅଭାବରୁ ତାର ଅବସ୍ଥା ଏବେ ଦେଖିବା ଭଳି ନାହିଁ। ଏଠାରେ ଉଭୟ ପୁରୁଷ ଏବଂ ମହିଳାଙ୍କ ନିମନ୍ତେ ଶୌଚାଳୟ ହୋଇଥିଲା। ମାତ୍ର ଅଳ୍ପ ଦିନର ବ୍ୟବଧାନରେ ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇସାରିଛି। ଏଠାକୁ ଯିବା ଅର୍ଥ ବିଭିନ୍ନ ରୋଗରେ ପଡିବା ଭଳି ପରିସ୍ଥିତି ରହିଛି। ପୁରୁଷ ଲୋକମାନଙ୍କ କଥା ଅଲଗା; କିନ୍ତୁ ମହିଳାମାନେ କଲେକ୍ଟୋରେଟ ପରିସରରେ ଏଥିପାଇଁ କ'ଣ ଅସୁବିଧାରେ ପଡୁଛନ୍ତି ତାହା କାହାରି ଆଖିକୁ ଦେଖା ଯାଉନଥିବା ଭଳି ମନେ ହେଉଛି। ମହିଳାମାନେ ଲୋକ ଲଜ୍ୟାକୁ ଛାଡି ଏଠିସେଠି ନିତ୍ୟକର୍ମ କରିବାକୁ ବାଧ ହେଉଛନ୍ତି। ଫଳରେ କଚେରି ପରିସର ଖରାପ ମଧ୍ୟ ହେଉଛି। ସରକାରୀ ବାବୁ ମାନଙ୍କ ପାଇଁ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ଶୌଚାଳୟ ନିର୍ମାଣ କରାଯାଇ ପାରୁଛି। କିନ୍ତୁ ଏଠାକୁ ବିଭିନ୍ନ କାମରେ ଆସୁଥିବା ଜନସାଧାରଣଙ୍କ ପାଇଁ ଶୌଚାଳୟଟିଏ ହୋଇ ନପାରିବା କଥାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଉଛି।

## ରାତିଅଧରେ ଘର ଭାଙ୍ଗିଲା ହାତୀ



**ଚମ୍ପୁଆ, ୨୯।୩(ସମିସ):** ଚମ୍ପୁଆ ସେକ୍ସନକୁ ଫେରିଲା ଗୋଠଛଡା ଦନ୍ତା। ବନ ବିଭାଗ ହଜେଇଲା ନିଦ। ରାତିଅଧରେ ଗାଁରେ ପଶି ଘରଭାଙ୍ଗ ଛାରଖାର କରିଦେଲା। ଏପରି ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ବନାଞ୍ଚଳ ଅଧୀନସ୍ଥ ଯୋଡାପୋଖରି ଗ୍ରାମରେ। ଖବର ଅନୁସାରେ ସୁନାପଶି ପଞ୍ଚାୟତର ଯୋଡାପୋଖରି ଗ୍ରାମର ପରମେଶ୍ୱର ମହାନ୍ତ ଶୋଇଥିବା ବେଳେ ଏକ ଗୋଠଛଡା ଦନ୍ତା ହାତୀ ଘରର ଗ୍ରୀଲ ଭାଙ୍ଗିବା ସହିତ କବାଟ ଝରକା ଭାଙ୍ଗି ଘରେଥିବା ଧାନ ଚାଉଳ ଖାଇବା ସହିତ ପ୍ରଭୃତ କ୍ଷତିକରିଛି। ଏ ନେଇ ପରମେଶ୍ୱର ବନାଞ୍ଚଳ କାର୍ଯ୍ୟାଳୟରେ ଅଭିଯୋଗ କରିଥିବା ଜଣାଯାଇଛି। ସୂଚନାଯୋଗ୍ୟ କି, ହାତୀପଲ ଅପେକ୍ଷା ଗୋଠଛଡା ଦନ୍ତା ବା ଏକୁଟିଆ ବୁଲୁଥିବା ଦନ୍ତା ଧନଜୀବନ ପାଇଁ ବିପଦ ସୃଷ୍ଟି କରୁଥିବା ବେଳେ ବନ ବିଭାଗକୁ ଚକମା ଦେଇ ଉପଦ୍ରବ କରୁଛି।

## ନଣ୍ଡାବର ଗ୍ରାମରେ ବାଦୀପାଲା ମହୋତ୍ସବ

**ରାମଚନ୍ଦ୍ରପୁର,୨୯।୩(ସମିସ):** ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡା ପଞ୍ଚାୟତ ଅନ୍ତର୍ଗତ ନଣ୍ଡାବର ଗ୍ରାମରେ ବାଦୀପାଲା ମହୋତ୍ସବ ଉଦଯାପିତ ହୋଇ ଯାଇଛି। ଗ୍ରାମର ସ୍ୱର୍ଗତ ବଂଶୀଧର ଯେନାଙ୍କ ପ୍ରଚେଷ୍ଟାରେ ମା'ତାରିଣୀଙ୍କ ପୀଠ ନିକଟରେ ଗତ ୫୯ ବର୍ଷ ହେଲା ବାଦୀପାଲା ପରିବେଷଣ ହୋଇଆସୁଅଛି। ଚଳିତ ବର୍ଷ ତିନିଦିନ ଧରି ଗାୟକ ଦୁଷ୍ମନ୍ତ ବେହେରା ଏବଂ ଗାୟକ ନୃସିଂହ ଚରଣ ହୋତା ପାଲା ପରିବେଷଣ କରିଥିଲେ। ବଂଶୀଧର ଯେନାଙ୍କ ସ୍ୱର୍ଗବାସ ପରେ ତାଙ୍କ ପରିବାର ପକ୍ଷରୁ ବଡପୁଅ ନିରଞ୍ଜନ ଯେନା, ପଦ୍ମଲୋଚନ ଯେନା, ଅଭିମନ୍ୟୁ ଯେନା ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି ପାଲା ମହୋତ୍ସବ ପାଳିତ ହୋଇଆସୁଛି। ଇତି ଅବସରରେ ପ୍ରତ୍ୟେହ ମା'ଙ୍କ ପୀଠରେ ହୋମଯଜ୍ଞ ସମ୍ପର୍ଣ୍ଣ କରାଯାଇଛି। ବାଦୀପାଲା ଦେଖିବାକୁ ଆଖପାଖ ଗ୍ରାମରରୁ ଅନେକ ସଂସ୍କୃତିପ୍ରେମୀ ଶ୍ରୋତା ଉପସ୍ଥିତ ରହି ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ପାଲା ଉପଭୋଗ କରିଥିବା ନଜରକୁ ଆସିଛି।



## ନୂଆରମ୍ଭାସରେ ପାଲା ପରିବେଷଣ



**ସୋସୋ,୨୯।୩(ସମିସ):** ହାଟଡିହୀ ବ୍ଲକ ନୂଆରମ୍ଭାସ ଗ୍ରାମର ଦୋଳ ପୂର୍ଣ୍ଣିମା ଅବସରରେ ଚଣ୍ଡି ମାତା ପରିସର ୩ଦିନ ଧରି ପାଲା ଉଦ୍ଯାପିତ ହୋଇଯାଇଛି। ଏଥିରେ ବର୍ଷୀୟାନ ପାଲା ଗାୟକ ବନବିହାରୀ ଗ୍ରହାଚାର୍ଯ୍ୟଙ୍କ ଦ୍ୱାର ପାଲା ପରିବେଷଣ କରାଯାଇଥିଲା। ଏହି ଅନୁଷ୍ଠାନରେ ଦୀର୍ଘ ୪୦ବର୍ଷ ଧରି ପାଲା ପରିବେଷଣ ହୋଇଆସୁଛି। ଗ୍ରାମବାସୀଙ୍କ ଦ୍ୱାରା ଏହିପାଲା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

### ରକ୍ଷଣାବେକ୍ଷଣ ଅଭାବ

# ଭୁଶୁଡ଼ି ପଡ଼ିବ ପୁରୁଣା କୁଶେଇ ସେତୁ !

ଆନନ୍ଦପୁର, ୨୯।୩(ସମିସ)



ଆନନ୍ଦପୁର ବ୍ଲକ ବେଲବାହାଳିଠାରେ ଥିବା କୁଶେଇ ସେତୁ ବିପଦସଂକୁଳ ହୋଇପଡିଛି। ଉପଯୁକ୍ତ ଓ ନିୟମିତ ରକ୍ଷଣାବେକ୍ଷଣ ଅଭାବରୁ ବ୍ରିଟିଶ ଅମଳର ଏହି ସେତୁ ଦିନକୁ ଦିନ ଦୁର୍ବଳ ହୋଇପଡି ଯାତାୟତରେ ବିପଦ ସୃଷ୍ଟି କରିଛି। ଏହି ସେତୁର ଉଭୟ ପାର୍ଶ୍ୱର ସୁରକ୍ଷା ବାଡା ଭାଙ୍ଗି ଯାଇଥିବାରୁ ଯାନବାହାନ ଅସୁରକ୍ଷିତ ଭାବେ ଚଳାଚଳ କରୁଛି। ଏନେଇ ବହୁବାର ଅଭିଯୋଗ ପରେ ବି ମରାମତି କରାଯାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁଯାୟୀ, ବ୍ରିଟିଶ ଅମଳର ଏହି ପୁରାତନ ସେତୁ ୧୯୯୯ ମସିହା ମହାବାତ୍ୟାରେ ପ୍ରଭାବିତ ହୋଇ ସୁରକ୍ଷା ବାଡା ଭାଙ୍ଗି ଯିବା ସହିତ ଦୁର୍ବଳ ହୋଇପଡିଥିଲା। ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମରାମତି କରାଯାଇଥିଲା। ଦୈନନ୍ଦିନ ଏହି ସେତୁ ଉପରେ ଆଖପାଖ ଅଞ୍ଚଳବାସୀ ଓ ୫ ପଞ୍ଚାୟତର ଅଧିବାସୀ ନିର୍ଭର କରୁଥିବା ବେଳେ ଜାତୀୟ ରାଜପଥକୁ ସଂଯୋଗ କରିବା ପାଇଁ ଏହା ଅତ୍ୟନ୍ତ ସହଜ ହୋଇଥାଏ। ବିଶେଷ କରି ୨୦ ନଂ ଜାତୀୟ ରାଜପଥର ବେଲବାହାଳିଠାରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ନୂତନ ସେତୁ ନିର୍ମାଣ କରିବା ପରେ ଏହି ପୁରୁଣା ସେତୁଟି ଅବହେଳିତ ହୋଇପଡିଛି। ଏହି ସେତୁର ଭାଙ୍ଗି ଯାଇଥିବା ବାଡା ମରାମତି କରାନଯାଇ ଜିଆଇ ପାଇପ୍ ଲଗାଯାଇଥିବାରୁ ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଆଖପାଖ ୫ଟି ପଞ୍ଚାୟତ ଅଧିବାସୀ ଏହି ସେତୁ ଉପରେ ନିର୍ଭର କରୁଥିବା ବେଳେ ସେତୁ ଦେଇ ଅଞ୍ଚଳବାସୀ ଜାତୀୟ ରାଜପଥରେ ନିଜର ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥାନ୍ତି। ସ୍କୁଲ, କଲେଜ ଛାତ୍ରଛାତ୍ରୀ ଓ ଚାଷକାର୍ଯ୍ୟ ପାଇଁ ଚାଷୀମାନେ ଏହି ସେତୁ ଉପରେ ନିର୍ଭର କରୁଥିବାରୁ ଏହାର ଆବଶକୀୟ ସ୍ଥାୟୀ ମରାମତି କରିବାକୁ ସ୍ଥାନୀୟ ସରପଞ୍ଚ ଦିପ୍ତି ସାହୁ ଓ ପୂର୍ବତନ ଜିଲାପରିଷଦ ସଦସ୍ୟ ପ୍ରଭାକର ସାହୁ ନିବେଦନ କରିଛନ୍ତି। ଏନେଇ ଏନଏଚଆଇର କର୍ତ୍ତୃପକ୍ଷ ଆଲୋକ କୁମାର ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହାର ମରାମତି ଦିଗରେ ଆବଶକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ● ବାତ୍ସଲ୍ୟ ମମତା ଆଗରେ ହାର୍ ମାନିଛି ଭେଦଭାବ

## ଛେଳି ଛୁଆଙ୍କୁ କ୍ଷୀର ଖୁଆଉଛି ମା' କୁକୁର



**ତୁରୁମୁଙ୍ଗା,୨୯।୩(ସମିସ):** ବାତ୍ସଲ୍ୟ ମମତା ବନ୍ଧା ଏ ଜଗତ। ବାତ୍ସଲ୍ୟ ମମତା ଆଗରେ ହାର ମାନିଛି ପର ଆପଣା। ଦୀର୍ଘ ୪ ମାସ ଧରି କୁକୁର ଠାରୁ କ୍ଷୀର ଖାଉଛନ୍ତି ୨ଟି ଛେଳି ଛୁଆ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଦାଶରଥୀପୁର ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଏକ ବିସ୍ମୟକର ଘଟଣା। ଗ୍ରାମର ଆର୍ତ୍ତତ୍ରାଣ ମହାନ୍ତ ପାଳିଥିବା ଛେଳିର କୁକୁର କାମୁଡ଼ାରେ ମୃତ୍ୟୁ ହେବା ପରେ ଦୁଇ ଛେଳି ଛୁଆକୁ ଅନରବତ କ୍ଷୀର ପିଆଉଛି ମା'କୁକୁର। ମା'ର ବାତ୍ସଲ୍ୟମମତା ଯେ କେତେ ସର୍ବବ୍ୟାପି ଓ ଭେଦ ଭାବହୀନ ତାହା ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ। ପଶୁଙ୍କ ନିକଟରେ ଏଭଳି ଘଟଣା ବିରଳ ବୋଲି ସ୍ଥାନୀୟ ଅଞ୍ଚଳରେ ମତ ପ୍ରକାଶ ପାଇଛି। ଛେଳି ଛୁଆଙ୍କର ମା'କୁ କିଛି କୁକୁର ଆକ୍ରମଣ କରିଥିଲେ। ଏହାର କିଛି ଦିନ ପରେ ମା' ଛେଳି ମୃତ୍ୟୁମୁଖରେ ପଡିଥିଲା। ମା' ଛେଳିକୁ କୁକୁର ଆକ୍ରମଣ କରିବା ଘଟଣା ଦେଖିଥିଲା ଏହି ମା' କୁକୁର। ମା' ଛେଳି ମରିଯିବା ପରେ ଦୁଇ ଛେଳି ଛୁଆଙ୍କ ବଞ୍ଚିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେବେ ସେ ଛେଳି ଛୁଆଙ୍କୁ ଆପଣାଇ ନେଇ ନିଜ ଛୁଆ ଭଳି ବାତ୍ସଲ୍ୟ ମମତାରେ ବାନ୍ଧି ରଖିଥିଲା ମା' କୁକୁର। ସେମାନଙ୍କୁ ନିଜ ଛୁଆ ଭଳି ଲାଳନପାଳନ କରିବା ସହିତ ନିଜ କ୍ଷୀର ମଧ୍ୟ ଖୁଆଇଥିଲା। ପଶୁଙ୍କ ଠାରେ ଏଭଳି ଏକ ବିରଳ ବାତ୍ସଲ୍ୟମମତା ମାନବ ସମାଜ ପାଇଁ ପ୍ରେରଣାଦାୟୀ ପାଲଟିଛି।

ସକାଳ THE SAKALA



# ହୃଦ୍‌ଘାତରେ କୃଷକଙ୍କ ବିୟୋଗ

ଜଳେଶ୍ୱର ବ୍ଲକ, ୨୯।୩ (ସମିସ) : ଜଳେଶ୍ୱର ବ୍ଲକ ଉପାନ୍ତ ନଛିମପୁର ଗ୍ରାମରେ ପ୍ରଖ୍ୟାତ ଭାଗଚାଷୀ ଜଗବନ୍ଧୁ ପାତ୍ର(୬୫)ଙ୍କ ହୃଦଘାତରେ ଅକାଳ ବିୟୋଗ ହୋଇଛି। ଗୁରୁବାର ମଧ୍ୟାହ୍ନରେ ସେ କ୍ଷେତରୁ କାମ କରି ଫେରିବା ପରେ ତାଙ୍କ ଶରୀର ଅସୁସ୍ଥ ହୋଇଥିଲା। ସଂଗେ ସଂଗେ ତାଙ୍କୁ ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରା ଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ପରେ କଟକ ବଡ଼ ଡାକ୍ତରଖାନାକୁ ନେଉଥିବା ବେଳେ ଭଦ୍ରକ ଠାରେ ମଧ୍ୟ ରାତ୍ରିରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ଘର ମୁରବିଙ୍କ ଏପରି ବିୟୋଗରେ ଧର୍ମପତ୍ନୀ ଚିନା ପାତ୍ର ସାନପୁଅ ଚୈତନ ପାତ୍ର ଓ ପରିବାର ବେସାହାରା ହୋଇଛନ୍ତି। ସରପଞ୍ଚ ରାଜେଶ ଜେନା, କୃଷକ ନେତା ସୁଦାମ ଚରଣ ପାତ୍ର, ସମାଜସେବୀ ସପନ କୁମାର ଜେନା (ଅର୍ଜୁନୀ), ସପନ କୁମାର ଜେନା(ନାଙ୍ଗୁଡସାହି), ହେମନ୍ତ ସିଂ, ଗୋପୀନାଥ ଜେନା, ନରୋତ୍ତମ ଗିରି, ରବୀନ୍ଦ୍ର ମିଶ୍ର, ସୁଜୟ ସିଂ, ସୈଲେନ୍ ବିଶ୍ୱାଳ, ଜଜ୍ଞେଶ୍ୱର ଦତ୍ତ, ଦୁର୍ଗା ଶଙ୍କର ଗିରି, ସୁଶାନ୍ତ ପାତ୍ର, ସୁବର୍ଣ୍ଣ ଜେନା, ସୁଜୟ ସିଂ, ଦିଲ୍ଲୀପ ଦତ୍ତ, ଦେବବ୍ରତ ରାଜ, ଦିନବନ୍ଧୁ ପାତ୍ର ପ୍ରମୁଖ ତାଙ୍କର ଶେଷ ଦର୍ଶନ ସହ ଶୋକ ବ୍ୟକ୍ତ କରିଛନ୍ତି। ପରିବାର ବର୍ଗ ଅନ୍ୟ ରାଜ୍ୟରେ ରହୁ ଥିବାରୁ ଗ୍ରାମ୍ୟ ଶ୍ମଶାନରେ ବିଳମ୍ବରେ ଶେଷକୃତ୍ୟ ହୋଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ଅଶ୍ୱନୀ ପାତ୍ର ମୁଖାଗ୍ନି ଦେଇଥିଲେ। ଏହି ଦୁସ୍ଥ ଚାଷୀ ପରିବାରକୁ ସରକାରୀ ସହାୟତା ପ୍ରଦାନ ଲାଗି ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଛନ୍ତି।

# ବିଦ୍ୟୁତ୍ ଆଘାତରେ ଘର ମାଲିକଙ୍କ ମୃତ୍ୟୁ

ଭୋଗରାଇ/ଚନ୍ଦନେଶ୍ୱର, ୨୯।୩ (ସମିସ) : ନିର୍ମାଣାଧୀନ ପକ୍କା ଘରେ ଇଟାରେ ପାଣି ଦେଉଥିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜନୈକ ଘର ମାଲିକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ବ୍ୟକ୍ତି ହେଲେ ଭୋଗରାଇ ଥାନା ଟୁକୁରିହାଜିରା ପଞ୍ଚାୟତ ଅନ୍ତର୍ଗତ ରଣକୋଠା ଗ୍ରାମର ରଘୁନାଥ ମଣ୍ଡଳ (୫୫)। ଅଭିଯୋଗ ଅନୁଯାୟୀ, ରଘୁନାଥଙ୍କ ଏକ ପକ୍କା ଘର ନିର୍ମାଣ କାର୍ଯ୍ୟ ଚାଲିଛି। ଶୁକ୍ରବାର ସକାଳେ ଏକ ବିଦ୍ୟୁତ ଚାଳିତ ପାଣିପମ୍ପ ଯୋଗେ ଇଟାରେ ପାଣି ଦେଉଥିଲେ। ସେହି ସ୍ଥାନ ଦେଇ ଅନ୍ୟ ଏକ ବିଦ୍ୟୁତ ତାର ଯାଇଥିଲା। ରଘୁନାଥ ପାଣି ଦେଉ ଦେଉ ଭୁଲବଶତଃ ପାଖରେ ଥିବା ସେହି ବିଦ୍ୟୁତ ତାରକୁ ହାତରେ ଧରି ପକାଇଥିଲେ। ସେହି ତାରରେ ପୂର୍ବରୁ ଥିବା ଲିକେଜ ସ୍ଥାନରେ ତାଙ୍କ ହାତ ଲାଗିଥିଲା। ଫଳରେ ତାଙ୍କୁ ଜୋରରେ ବିଦ୍ୟୁତ ଆଘାତ ଲାଗିଥିଲା ବେଳେ ବିଦ୍ୟୁତ ଝଟକାରେ ସେଠାରୁ ସେ ଛିଟିକି ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଭୋଗରାଇ ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଚକ୍ଷୁ ଚିକିତ୍ସା ଶିବିର

ଜଳେଶ୍ୱର ବ୍ଲକ, ୨୯।୩ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ଗ୍ରାମ ପଞ୍ଚାୟତର ଉତ୍ତରପଡ଼ା ଗ୍ରାମର ଶିବ ମୁନି ଯୋଗାଶ୍ରମରେ କମର୍ଦ୍ଦାସ୍ଥିତ ଦୁଳପଡ଼ରେ ଥିବା ବାସନ୍ତି ଚକ୍ଷୁ ଚିକିତ୍ସାଳୟର ଆଇମିତ୍ର ଦ୍ୱାରା ମାଗଣା ଚକ୍ଷୁ ଚିକିତ୍ସା ଶିବିର ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଶିବିରରେ ୬୦ରୁ ଉର୍ଦ୍ଧ ଲୋକ ଚକ୍ଷୁ ପରୀକ୍ଷା ସହ ୮ରୁ ୧୦ ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କୁ ଆଜି ଶୁକ୍ରବାର ଅପରାହ୍ନରେ ମାଗଣା ଅସ୍ତ୍ରୋପଚାର ପାଇଁ ବାଲେଶ୍ୱର ନିଆଯାଇଛି। ଗ୍ରାମର ସମାଜସେବୀ ଜନ୍ମେଜୟ ସାହୁ, ଶ୍ରୀପତି ଚରଣ ପାଳ, ବରେନ୍ଦ୍ର ବେହେରା ଲକ୍ଷ୍ମୀଧର କାମିଲା ପ୍ରମୁଖ ପରିଚାଳନା କରିଥିଲେ। ଦେବାଶିଷ ଦାସଙ୍କ ସହଯୋଗରେ ଋତୁରାଜ ରାଉତ୍ ଓ ଦୁଇ ଜଣ ଟେକ୍ନିସିଆନଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଇଥିଲା।

# ମା' କନକ ସୁନ୍ଦରୀ ଯୁବ ସଂଘ ପକ୍ଷରୁ ରାଧାକୃଷ୍ଣ ପୂଜା



ବଳରାମପୁର, ୨୯।୩(ସମିସ): ବାଲିଆପାଳ ବ୍ଲକ ବଳରାମପୁର ଗ୍ରାମ ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ଗ୍ରାମ ଦେବୀଙ୍କ ନାମରେ ଏକ ଯୁବ ସଂଘ ଗଠିତ ହୋଇଛି। ଏହି ଯୁବ ସଂଘର କର୍ମକର୍ତ୍ତାଙ୍କ ପ୍ରଚେଷ୍ଟା ଗ୍ରାମବାସୀ ଙ୍କ ଆଶ୍ରିବାଦରୁ ତିନିଦିନ ଧରି ଧୂମଧାମରେ ରାଧା ଓ କୃଷ୍ଣଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଗୋପିକୃଷ୍ଣ ପଣ୍ଡା, ସମ୍ପାଦକ ପ୍ରିୟରଞ୍ଜନ ପାତ୍ରଙ୍କ ସହିତ ସଦସ୍ୟ ବେଣୁଧର ପ୍ରଧାନ, ବିକାଶ ଦାଶ, ଉମେଶ ଚନ୍ଦ୍ର ଜେନା, ଉତ୍ତମ କୁମାର ଜେନା, ଚନ୍ଦନ କୁମାର ବେହେରା, ସୂର୍ଯ୍ୟକାନ୍ତ ପଣ୍ଡା, ମନୋଜ ପଣ୍ଡା, ଅରିଜିତ ଜେନା, ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବଳରାମପୁର ସରପଞ୍ଚ ଅରୁଣ ପାଣିଗ୍ରାହୀ, ସମାଜସେବୀ ଅରବିନ୍ଦ ବେହେରା, ପ୍ରଦୀପ କୁମାର ପଣ୍ଡା, ରବୀନ୍ଦ୍ର ଜୈନ, କମଳ ଲୋଚନ ଦତ୍ତ, ଅଜୟ କୁମାର ଜେନା, ଗୌରବ ଅଣ୍ଡିଆ, ସୁଧାଂଶୁ ଦିଣ୍ଡା, ସୁଦାମ କାନ୍ତ ଦାସ ଉପସ୍ଥିତ ରହି ଆଗାମୀ ବର୍ଷ କୁ ଉନ୍ନତ ଧରଣର ହେବାପାଇଁ ଅନୁଷ୍ଠାନ ର କର୍ମକର୍ତ୍ତା ମାନଙ୍କୁ ଉତ୍ସାହିତ କରିଥିଲେ। ମୂର୍ତ୍ତି କାରିଗର ମାନସ ମୁଖିଙ୍କୁ ବେଷ୍ଟ କାରିଗର ଭାବରେ ଯୁବ ସଂଘ ତରଫରୁ ମାନପତ୍ର ଯୁବ ସାମ୍ବାଦିକ ଲକ୍ଷ୍ମୀଧର ପ୍ରଧାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# ସରକାରୀ ଡାକ୍ତରଖାନାରେ ଚକ୍ଷୁ ବିଶେଷଜ୍ଞ ନିଯୁକ୍ତି ଦାବି

ଭୋଗରାଇ, ୨୯।୩ (ସମିସ):

ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି ସୁଦୃଢ କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗରିବ ଲୋକଙ୍କ ଜଟିଳ ରୋଗର ମାଗଣା ଚିକିତ୍ସା ପାଇଁ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ' ଯୋଜନାରେ 'ବିଜୁ ସ୍ୱାସ୍ଥ୍ୟ କାର୍ଡ' କାର୍ଯ୍ୟକାରୀ କରିଛନ୍ତି। ପରବର୍ତ୍ତୀ ସମୟରେ ସରକାରୀ ନିୟମିତ ଚାକିରିଆ ଏବଂ ଆୟକର ଦାତାଙ୍କୁ ବାଦ ଦେଇ ଅନ୍ୟ ସମସ୍ତ ପରିବାରକୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେବା ପାଇଁ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡ' କାର୍ଯ୍ୟକାରୀ କରିଛନ୍ତି। ଏହି କାର୍ଡ ମାଧ୍ୟମରେ ହିତାଧିକାରୀଙ୍କୁ ଜଟିଳ ରୋଗର ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ରାଜ୍ୟ ଏବଂ ରାଜ୍ୟ ବାହାରେ ୯ ଶହରୁ ଉହରୁ ଘରୋଇ ଡାକ୍ତରଖାନାକୁ ବିଏସକେୱାଇ ଯୋଜନା ସହିତ ଯୋଡ଼ିଛନ୍ତି ରାଜ୍ୟ ସରକାର। ବିଏସ୍‌କେୱାଇ ଅନୁମୋଦିତ ଘରୋଇ ଡାକ୍ତରଖାନା ଗୁଡିକ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦେବା ପରେ ସମ୍ପୃକ୍ତ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ କାର୍ଡରୁ ନିର୍ଦ୍ଧାରିତ ଅର୍ଥ ନେଇଥାନ୍ତି। ଫଳରେ ରାଜ୍ୟର ୮୦ ପ୍ରତିଶତ ଗରିବ ଲୋକଙ୍କ ଜଟିଳ ରୋଗର ଚିକିତ୍ସା ଓ ଅସ୍ତ୍ରୋପଚାର କ୍ଷେତ୍ରରେ ଏକ ବୈପ୍ଳବିକ ସଫଳତା ମିଳିଛି। ଅନ୍ୟପକ୍ଷରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ୬୦ ପ୍ରତିଶତ ଗରିବ ଲୋକଙ୍କ କ୍ଷେତ୍ରରେ ଜଟିଳ ଚକ୍ଷୁରୋଗ ସମସ୍ୟା ରହିଥିଲା ବେଳେ ବିଏସକେୱାଇ କାର୍ଡ ଥାଇ ବି ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଉତ୍ତର ବାଲେଶ୍ୱର ଅଞ୍ଚଳର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ହଜାର ହଜାର ଚକ୍ଷୁରୋଗୀ ସହଜରେ ଉନ୍ନତ ଚିକିତ୍ସା ସେବା ନ ପାଇ ହୀନସ୍ତା ହେଉଥିବା ଅଭିଯୋଗ ହୋଇଆସୁଛି। ଏହି ୪ଟି ବ୍ଲକ ଅଞ୍ଚଳରେ ଥିବା ସରକାରୀ ଡାକ୍ତରଖାନା ଗୁଡ଼ିକରେ ଚକ୍ଷୁ ଅସ୍ତ୍ରୋପଚାର ତ ଦୂରର କଥା ସାଧାରଣ ଚକ୍ଷୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ବିଶେଷଜ୍ଞ ଡାକ୍ତର ନାହାନ୍ତି। କେବଳ ସାମାନ୍ୟ ଚକ୍ଷୁ ସମସ୍ୟାରେ ପ୍ରାଥମିକ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ମାତ୍ର ଗୋଟିଏ ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଲେଖାଏଁ 'ଅପଥାଲମିକ ଆସିଷ୍ଟାଣ୍ଟ' ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷରେ କେବଳ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ବିଏସକେୱାଇ ଅନୁମୋଦିତ ଅନ୍ୟ ଜିଲ୍ଲାର କେତେକ ଘରୋଇ ଚକ୍ଷୁ ଚିକିତ୍ସାଳୟ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ମାନଙ୍କ ସହଯୋଗରେ ବିଭିନ୍ନ ସ୍ଥାନରେ ଶିବିର ଆୟୋଜନ ମାଧ୍ୟମରେ ରୋଗୀଙ୍କୁ ଚିହ୍ନଟ କରି ଅସ୍ତ୍ରୋପଚାର ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ମାତ୍ର ଅନ୍ୟାନ୍ୟ ଜଟିଳ ତଥା ଜରୁରୀ ଚକ୍ଷୁ ଚିକିତ୍ସା ପାଇଁ ଗରିବ ଚକ୍ଷୁ ରୋଗୀ ମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ବାଲେଶ୍ୱର, କଟକ ଓ ଭୁବନେଶ୍ୱର ଯିବାକୁ ବାଧ୍ୟ ହେଉଛନ୍ତି। ଚିକିତ୍ସା ଖର୍ଚ୍ଚ ଅପେକ୍ଷା ଯାତାୟାତ ଓ ରହଣିରେ ଅଧିକ ଅର୍ଥ ବ୍ୟୟ ହେଉଛି। ହଜାର ହଜାର ଗରିବ ଚକ୍ଷୁରୋଗୀଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବା ନିମନ୍ତେ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବା ନଚେତ ସ୍ଥାନୀୟ ଅଞ୍ଚଳରେ ଥିବା ଘରୋଇ ଚକ୍ଷୁ ଚିକିତ୍ସାଳୟକୁ ବିଏସକେୱାଇ ଯୋଜନାରେ ଅନୁବନ୍ଧିତ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ସ୍ଥାନୀୟ ଅଞ୍ଚଳର ସରକାରୀ ଡାକ୍ତରଖାନା ଗୁଡ଼ିକରେ ତୁରନ୍ତ ଚକ୍ଷୁ ଚିକିତ୍ସା ବିଭାଗ ଖୋଲିବା ସହିତ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବା କିମ୍ବା କୌଣସି ଘରୋଇ ଡାକ୍ତରଖାନାକୁ ବିଏସକେୱାଇ ଯୋଜନାରେ ଅନୁବନ୍ଧିତ କରି ସମସ୍ତ ପ୍ରକାର ଚକ୍ଷୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଭୋଗରାଇ ବରିଷ୍ଠ ନାଗରିକ ମଞ୍ଚ, ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତି, ବରିଷ୍ଠ ନାଗରିକ କଲ୍ୟାଣ ମଞ୍ଚ, ସୁବର୍ଣ୍ଣରେଖା ବରିଷ୍ଠ ନାଗରିକ ପରିଷଦ ସମେତ ବହୁ ସାମାଜିକ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କୁ ଇ-ମେଲ୍ ଓ ସ୍ପିଡ ପୋଷ୍ଟ ଯୋଗେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ବିଜେଡି ବିଧାୟକ ପ୍ରାର୍ଥୀ ଅଶ୍ୱିନୀ ପାତ୍ରଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର ବ୍ଲକ, ୨୯।୩ (ସମିସ): ବିଜେଡିର ପ୍ରଥମ ପ୍ରାର୍ଥୀ ତାଲିକାରେ ବାଲେଶ୍ୱର ଜିଲ୍ଲାରୁ ଅଶ୍ୱିନୀ କୁମାର ପାତ୍ରଙ୍କ ନାମ ଘୋଷଣା ହୋଇଛି। ସେଥିପାଇଁ ବିଜେଡି ପକ୍ଷରୁ ଗୁରୁବାର ଅପରାହ୍ନରେ ଭଞ୍ଜଶ୍ରୀ ଭବନ ପରିସରରେ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ଦଳ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ଜଳେଶ୍ୱର ବ୍ଲକ୍ ବିଜେଡ଼ି ସଭାପତି ଦିଲ୍ଲୀପ କୁମାର ସେନାପତିଙ୍କ ସଭାପତିତ୍ୱରେ ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା ମହିଳା ବିଜେଡି ସଭାପତି ବିନ୍ଦୁବାଳା ନନ୍ଦୀ, ବ୍ଲକ ସଭାପତି ଦିଲ୍ଲୀପ କୁମାର ସାମଲ, ନଗର ସଭାପତି ଶଙ୍କର ଘୋଷ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, ମ୍ୟୁନିସିପାଲିଟି ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଉପାଧ୍ୟକ୍ଷା ପୁଷ୍ପପ୍ରୀୟା କାମିଲା, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ବ୍ଲକ ଯୁବ ସଭାପତି ବିଶ୍ୱଜିତ୍ ପାଳ, ନଗର ଯୁବ ସଭାପତି ଆନନ୍ଦ କର, ନିମାଇଁ ଚରଣ ଘୋଷ, ସୁରଜ୍ କୁମାର ଚୌରାଶିଆ, ଗୌରଭ ଦାସ ପ୍ରମୁଖ ନେତୃତ୍ୱ ମାନେ ମଞ୍ଚାସିନ ରହି ଆଗାମୀ ନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ କୁମାର ଦାସ, ବରିଷ୍ଠ ବିଜେଡି ନେତା ବିଜୟ କୁମାର କାମିଲା, ଲେଲିନ କୁମାର ପ୍ରଧାନ, ବ୍ଲକ ଜୀବନବିନ୍ଦୁ ସଂଯୋଜକ ମଧୁସୂଦନ ସେନାପତି, ସୂର୍ଯ୍ୟାନନ୍ଦ ପାଳ, ଶିକ୍ଷକ ନେତା ମନୋରଞ୍ଜନ ଦାସ, ବ୍ରିଜେଶ କୁମାର ରଣା, ସଞ୍ଜୟ କୁମାର ମହାନ୍ତି, ଅନନ୍ତ କୁମାର ରାଉଳ, ଜଗଦିଶ ଜେନା, ଦୀନକୃଷ୍ଣ ଗିରିଙ୍କ ସହ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ସଭାପତି ଓ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅସହାୟ ପରିବାରକୁ ହେଲ୍ପ ଫର ୟୁ ଫାଉଣ୍ଡେସନର ସହାୟତା



ରାଇବଣିଆ, ୨୯।୩ (ସମିସ): ପୁଅର ଦୁଇଟି କିଡନୀ ଦୁଇଟି ନଷ୍ଟ ହୋଇ ଯାଇଛି। ଆଉ ସେଇ ମାଆ ତାଙ୍କ ପୁଅଙ୍କୁ ଗୋଟିଏ କିଡନୀ ଦେବେ। ମାତ୍ର ଅସ୍ତ୍ରୋପଚାର ପାଇଁ ଅର୍ଥ ସାଜିଛି ବାଧକ। ଏହି ଘଟଣାଟି ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ଶ୍ରୀଜଙ୍ଗ ଗ୍ରାମର ପ୍ରଶାନ୍ତ କୁମାର ପରିଡ଼ାଙ୍କ ଘରେ।ଏହି ଦୁଃଖଦ ଖବର ସେଠା କାର ଅଞ୍ଚଳବାସୀ ହେଲ୍ପ ଫର ୟୁ ଫାଉଣ୍ଡେସନର ସଭାପତି ମାନସ ରଞ୍ଜନ ଧଳଙ୍କୁ ଅବଗତ ପରେ ସଙ୍ଗଠନ ର ସମସ୍ତ ସଦସ୍ୟ ସଦସ୍ୟା ମାନେ ଅଣ୍ଟା ଭିଡିଥିଲେ ପ୍ରଶାନ୍ତ କୁମାର ପରିଡ଼ାଙ୍କୁ ସହାୟତା କରିବା ପାଇଁ। ସଙ୍ଗଠନର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କର କିଛି କିଛି ଆର୍ଥିକ ଅବଦାନ ବଳରେ ପ୍ରଶାନ୍ତଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦଶ ହଜାର ଟଙ୍କା, ପରିବାରକୁ ନୂତନ ବସ୍ତ୍ର ସହିତ କୁନି ପିଲା ପାଇଁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଛି।

# ସିଦ୍ଧ ମହାବୀରଙ୍କ ବାର୍ଷିକ ଉତ୍ସବ

ଖଇରା, ୨୯।୩ (ସମିସ): ଖଇରା ବ୍ଲକ ଅନ୍ତର୍ଗତ ବରଦା ଗ୍ରାମ ପଞ୍ଚାୟତ ଗରଡି ଗ୍ରାମରେ ସିଦ୍ଧ ମହାବୀରଙ୍କ ଦ୍ୱାଦଶ ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗତ ୫ ଦିନ ତଳେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଦୁଇ ଦିନ ଧରି ଦିବାକର ଦାସ ମହାରାଜ ହନୁମାନ କଥା ବସ୍ତୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଗତକାଲି ପୂର୍ଣ୍ଣ ଆହୁତି ପ୍ରଦାନ କରାଯାଇଛି। ଏଥିରେ ବ୍ରାହ୍ମଣ ରାମଚନ୍ଦ୍ର ପାଣିଗ୍ରାହୀ, ନରେନ୍ଦ୍ର ପଣ୍ଡା, କୈଳାଶ ଶୁକ୍ଳ, ବାବୁଲି ଶୁକ୍ଳ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟକର୍ତ୍ତା ଭାବେ ବାସୁଦେବ ପଣ୍ଡା ଏବଂ ସୁପ୍ରିୟା ପଣ୍ଡା ଥିଲେ। କାର୍ଯ୍ୟ କ୍ରମକୁ ପୂର୍ଣ୍ଣ ସହଯୋଗ କରିଛନ୍ତି ମାଧବ ପଣ୍ଡା, ଜୟନ୍ତ ମିଶ୍ର, ସଉରା ସୁତାର, ସାଗର ପଣ୍ଡା, ଅକ୍ଷୟ ପଣ୍ଡା, ମାନସ ପଣ୍ଡା, ମନୋରଞ୍ଜନ ପଣ୍ଡା, କେଦାର ସୁତାର, ଅଭୟ ପଣ୍ଡା, ରାଜେନ୍ଦ୍ର ପାଣିଗ୍ରାହୀ, ନାରାୟଣ ପଣ୍ଡା। ଅଞ୍ଚଳ ରେ ୫ଦିନ ଧରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ଭୋଗରାଇର ପ୍ରଥମ ଗ୍ରାଜୁଏଟ୍‌ଙ୍କ ବିୟୋଗ



ଚନ୍ଦନେଶ୍ୱର, ୨୯।୩ (ସମିସ) : ୧୨ ଏପ୍ରିଲ ୧୯୨୮ରେ ଭୋଗରାଇ ବ୍ଲକ ଦାହୁଣଦା ଗ୍ରାମରେ ରାଜେନ୍ଦ୍ର କୁମାର ପଟ୍ଟନାୟକ ପିତା ସ୍ୱର୍ଗତ ଦିଗମ୍ବର ପଟ୍ଟନାୟକଙ୍କ କୋଳ ମଣ୍ଡନ କରିଥିଲେ। ଶ୍ରୀବସ୍ତ ପୁର ସ୍କୁଲରେ ପ୍ରଥମ ଶ୍ରେଣୀ ଅଧ୍ୟୟନ ପରେ ୪ର୍ଥ ରୁ ସେ ସମୟର ବ୍ରିଟିଶ ସରକାର ମେଧାବୀ ଛାତ୍ର ପାଇ ୬ଷ୍ଠ ଶ୍ରେଣୀକୁ ସିଧା ସଳଖ ଉତ୍ତିର୍ଣ୍ଣ କରାଇଥିଲେ। ଜଳେଶ୍ୱର ପୁର ହାଇସ୍କୁଲ ପରେ ୧୯୪୮ ମସିହାରେ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ପ୍ରଥମ ଗ୍ରାଜୁଏଟ୍ ପରେ ବି ଇ ଡି କରି ଭୋଗରାଇର ପ୍ରଥମ ସରକାରୀ ହେଡମାଷ୍ଟର ଭାବେ ଚାକିରି ଜୀବନର ପ୍ରଥମ ପାହାଚରେ ପାଦ ଥାପି ଥିଲେ। ପରବର୍ତ୍ତୀ ସମୟରେ ୧୯୮୧ ରୁ ୧୯୮୩ ଡି ଆଇ ସମ୍ବଲପୁର ଓ ୧୯୮୩ ରୁ ୧୯୮୬ ଡି ଆଇ ପାରଳାଖେମୁଣ୍ଡି ରେ ଅବସର ଗ୍ରହଣ କରିଥିଲେ। ସେ ସମୟର ପ୍ରତି କୂଳରେ ସଂଗ୍ରାମ କରି ସମାଜରେ ସୁସ୍ଥ ପରିବେଶ ତିଆରି କରିବା ପାଇଁ ଏକ ଆଦର୍ଶ ମଣିଷ କାରଖାନା ଗଢ଼ିବା ନିମନ୍ତେ ରାଜେନ୍ଦ୍ର ସାର ନିଜେ ସଂକଳ୍ପ ବଦ୍ଧ ହୋଇଥିଲେ। ତାଙ୍କର ସୁସ୍ଥ ଚିନ୍ତା ଓ ଚେତନାକୁ ଗ୍ରହଣ କରିବା ପାଇଁ ତାଙ୍କଗୃହକୁ ବିଭିନ୍ନ ଅଞ୍ଚଳରୁ ବ୍ୟକ୍ତିଙ୍କର ସମାଗମ ହେଉଥିଲା। ଭୋଗରାଇ ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ୟାରୀମୋହନ ଦାସ ଓ ଦୁର୍ଗା ଶଙ୍କର ଦାସ ମଧ୍ୟ ନିର୍ବାଚନ ଲଢିବା ଠାରୁ ଆରମ୍ଭ କରି ଭୋଗରାଇର ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଲୋଚନା କରୁଥିଲେ। କିଛି ବର୍ଷ ପୂର୍ବେ ପତ୍ନୀଙ୍କ ବିୟୋଗରେ ଶୋକରେ ଥାଇ ଚାରି ପୁତ୍ର, ପୁତ୍ରବଧୂ, ତିନି କନ୍ୟାରତ୍ନା, ଜାମାତା ଓ ନାତି ନାତୁଣୀଙ୍କ ସହିତ ଖୁସିରେ କାଳାତିପାତ କରୁଥିବା ସମୟରେ ୯୭ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ବରିଷ୍ଠ ଭେଷଜ ବିଭାଗ ଘରୋଇ ଆପୋଲ ହସ୍ପିଟାଲରେ କାର୍ଯ୍ୟରତ ସାନପୁଅ ଡକ୍ଟର ଶକ୍ତି କିଙ୍କର ପଟ୍ଟନାୟକଙ୍କ ଘରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ବଡ଼ ପୁଅ ପ୍ରଫେସର କାଳୀ କିଙ୍କର ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ସତ୍ୟ ନଗର ଶ୍ମଶାନରେ ଶେଷକୃତ୍ୟ ସମାପନ ହୋଇଥିଲା। ଶେଷ ସମୟରେ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## କମର୍ଦ୍ଦା ରାଧାଗୋବିନ୍ଦ ଜୀଉ ଦୋଳ ଉତ୍ସବ

# ୩୦ ବର୍ଷ ପରେ ଫେରିଛି କମର୍ଦ୍ଦାର ଐତିହ୍ୟ ମେଳା

କମର୍ଦ୍ଦା, ୨୯।୩(ସମିସ):



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ପଞ୍ଚାୟତର କମର୍ଦ୍ଦା ଗ୍ରାମରେ ଚାରି ଦିନ ଧରି ଅନୁଷ୍ଠିତ ଦୋଳଯାତ୍ରାରେ ସମଗ୍ର ପଞ୍ଚାୟତ ଉତ୍ସବ ମୁଖର ହୋଇଉଠିଛି। ଗୁରୁବାର ରାତ୍ରିରେ ଅଧିବାସ ପରେ ଶୁକ୍ରବାର ସକାଳେ ଦୁଇଶହରୁ ଉର୍ଦ୍ଧ ମହିଳା କଳସ ଯାତ୍ରା କରି କମର୍ଦ୍ଦା ବାରଦେଉଳୀ ମନ୍ଦିରଠାରୁ ପାଣି ଆଣି ବିଭିନ୍ନ ଦେବଦେବୀଙ୍କ ଠାରୁ ଭ୍ରମଣ କରି କମର୍ଦ୍ଦା ଗ୍ରାମର ମଧ୍ୟସ୍ଥଳୀ ମା' ଚଣ୍ଡୀଙ୍କ ଠାରେ ଥିବା ବଣିଆ ପୋଖରୀରେ ପହଞ୍ଚିଥିଲେ। ଏହା ପରେ ଆରମ୍ଭ ହୋଇଥିଲା ଚବିଶ ପ୍ରହରୀ ନାମ ସଂକୀର୍ତ୍ତନ। ପ୍ରତ୍ୟେକ ସନ୍ଧ୍ୟାରେ ସଂକୀର୍ତ୍ତନ ଦଳ ଦ୍ୱାରା ମେଳନ ହେବା ସହିତ ରାତ୍ରି ପର୍ଯ୍ୟନ୍ତ ସଂକୀର୍ତ୍ତନ ପ୍ରତିଯୋଗିତା ହୋଇଥିଲା। କମର୍ଦ୍ଦାର ରାଧାକୃଷ୍ଣଜୀଉ ଗୌର ନିତାୟ, ଅନଳିଆ ଗ୍ରାମରୁ ଗୌରନିତାୟ ମହାପ୍ରଭୁ ବିରାଜ ମାନ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ। ଗ୍ରାମ ପରିକ୍ରମା କରି ମହାପ୍ରଭୁଙ୍କୁ ଅଣା ଯାଇଥିଲା। ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ଖଏର୍ଦ୍ଦା, କୁଞ୍ଜବଣୀ, ସଗଡ଼ା ଗ୍ରାମର ବହୁ ଭକ୍ତ ଏଠାକୁ ଆସି ଉପଭୋଗ କରିଥିଲେ। ନାଚିନ୍ଦା, ବାହାର୍ଦ୍ଦା, କାନପୁର, ଦୁଡ଼ପଳ, ପାନିଆପଦା, ସାହେବନଗର ପାଟଣା, କିଆର୍ଦ୍ଦା ଆଦି ଗ୍ରାମର ଭକ୍ତ ମଣ୍ଡଳୀ ଉପସ୍ଥିତ ହୋଇ ମହାମିଳନ ଉପଭୋଗ କରିଥିଲେ। ଚାରିଦିନ ବ୍ୟାପି ୧୫ହଜାରରୁ ଉର୍ଦ୍ଧ ଭକ୍ତ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ। ଗ୍ରାମର ସମସ୍ତ ଯୁବକ ଓ ମହିଳା ମାନେ ଏଥିରେ ଯୋଗଦେଇଥିଲେ। ଦୀର୍ଘ ୩୦ବର୍ଷ ପରେ ଏହି ଦୋଳ ଉତ୍ସବ କମର୍ଦ୍ଦା ଗ୍ରାମରେ ହୋଇଥିଲା।

# ସୁବର୍ଣ୍ଣରେଖା ଗ୍ରାମୀଣ ଦୋଳ ମହୋତ୍ସବ ଉଦ୍‌ଘାଟିତ



ବଳରାମପୁର, ୨୯।୩ (ସମିସ): ମହୋତ୍ସବ ଦ୍ୱାରା ଅଞ୍ଚଳର ଲୋକଙ୍କ ମଧ୍ୟରେ ଭାଇ ଚାରା ଭାବନା ଦୃଢ଼ ହେବା ସହିତ ଆତ୍ମୀୟତା ମନୋଭାବ ଆଗକୁ ବଢେ ବୋଲି ଗୁରୁବାର ସନ୍ଧ୍ୟାରେ ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ବାସୁଦେବପୁର ଦୋଳ ମେଲଣ ପଡ଼ିଆରେ ଅନୁଷ୍ଠିତ ୧୧ ତମ ସୁବର୍ଣ୍ଣରେଖା ଗ୍ରାମୀଣ ଦୋଳ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ଶିକ୍ଷାବିତ୍ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ଡି. ଆଇ. ସୁବାସ ଚନ୍ଦ୍ର ଚୌଧୁରୀ ମୁଖ୍ୟଅତିଥି, ଡିଏଭିର ପ୍ରାକ୍ତନ ଅଧ୍ୟକ୍ଷ ତଥା ବରିଷ୍ଠ ଶିଶୁ ସାହିତ୍ୟିକ କାଳି କିଙ୍କର ଦାଶ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ୟାସୀ ବେହେରା, ପ୍ରାକ୍ତନ ଅଧ୍ୟାପକ ବୀର ମାଧବ ଦାସ, ଗାୟକ ଓ ଗୀତିକାର ରମାନାଥ କର, ଗାଁ ମୁଖ୍ୟ କମଳାକାନ୍ତ ବାରିକ, ସୌଭାଗିନୀ ମିଶ୍ର, ଶ୍ରୀକାନ୍ତ କୁମାର ନାଥ ପ୍ରମୁଖ ଯୋଗ ଦେଇ ଉଦବୋଧନ ଦେଇଥିଲେ। ଆଇନଜୀବୀ ଅର୍ଦ୍ଧେନ୍ଦୁ କୁମାର ବାରିକ ମଞ୍ଚ ଆହ୍ୱାନ ଅତିଥି ପରିଚୟ, ଗୋପାଳ କୃଷ୍ଣ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ସୁଶାନ୍ତ ବାରିକ, ହିମାଂଶୁ କମିଲା, ଚନ୍ଦନ ବାରିକ, ଶ୍ରୀକାନ୍ତ ଯାଦବ, ମଦନ ପାତ୍ର, ପ୍ରଭାତ ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରେ ପଶ୍ଚିମ ବଙ୍ଗର ପିଙ୍କି ମେଲୋଡି ବିଳମ୍ବିତ ରାତି ପର୍ଯ୍ୟନ୍ତ ହୋଇଥିଲା।

# ଚନ୍ଦନେଶ୍ୱରଙ୍କ ଦର୍ଶନକଲେ ହାଇକୋର୍ଟ ବିଚାରପତି

ଚନ୍ଦନେଶ୍ୱର, ୨୯।୩ (ସମିସ):



ବାବା ଚନ୍ଦନେଶ୍ୱରଙ୍କ ଚଡକ ପର୍ବ ପାଇଁ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଥିବାବେଳେ ଆଜି ଶୁକ୍ରବାର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଆନନ୍ଦ କୁମାର ଦାସ ମନ୍ଦିରରେ ପୂଜାର୍ଚ୍ଚନା କରିଯାଇଛନ୍ତି। ତାଙ୍କ ସହିତ ତାଙ୍କର ଧର୍ମପତ୍ନୀ ସୁଜାତା ଦାସ ଓ ଭୋଗରାଇ ଜୁଡିସିଆଲ ମାଜିଷ୍ଟ୍ରେଟ ପମାପିକା ପ୍ରିୟଦର୍ଶିନୀ ସାଥିରେ ରହି ପୂଜାର୍ଚ୍ଚନା କରିଯାଇଛନ୍ତି। ସେଥିପାଇଁ ମନ୍ଦିରର ମୁଖ୍ୟ ସେବାୟତ ତପନ କୁମାର ପଣ୍ଡା ଓ ଅନ୍ୟାନ୍ୟ ସେବାୟତ ମାନେ ଉପସ୍ଥିତ ରହି ସେମାନଙ୍କ ମନସ୍କାମନା ପୂରଣ ନିମନ୍ତେ ବାବାଙ୍କ ନିକଟରେ ପୂଜାପାଠରେ ସହାୟତା କରିଥିଲେ। ତେବେ ଭୋଗରାଇର ଚନ୍ଦନେଶ୍ୱର ଶୈବପୀଠରେ ଆସନ୍ତା ଚୈତ୍ର ୧ ଏପ୍ରିଲ ସୋମବାର ୧୨ ଅର୍ଘ୍ୟ ଓ ଚଡ଼କ ଯାତ୍ରାର ଶୁଭାରମ୍ଭ ହେବା ସହିତ ମୌରସୀ - ନ୍ୟାସୀଙ୍କ ଆଜ୍ଞାମାଳ ଗ୍ରହଣ। ପାଟଭକ୍ତ ଓ ଦେଉଳିଆଙ୍କ ଉପବୀତ ଧାରଣ, ପଡ଼ା ବାଉଁଶ ଛେଦନ ଓ ଅର୍ଘ୍ୟଦାନ ହେବା, ୧୯ ଚୈତ୍ର ୨ ଏପ୍ରିଲ ମଙ୍ଗଳବାର ୧୧ ଅର୍ଘ୍ୟ - ଶ୍ରୀ ଶ୍ରୀ ଜୀଉଙ୍କ ମହାନ ଚଡ଼କ ଯାତ୍ରାର ଘଟତୋଳନ ଓ ସମସ୍ତ ସେବାୟତ ଗୃହକୁ ଯାଇ ସୁଆଜ୍ଞା ଆନୟନ ଓ ଶେଷରେ ଅର୍ଘ୍ୟଦାନ ଓ ଚଡ଼କ ଯାତ୍ରାର ଶୁଭାରମ୍ଭ ହେବ। ୨୦ ଚୈତ୍ର ୩ ଏପ୍ରିଲ ବୁଧବାର ୧୦ ଅର୍ଘ୍ୟ।୨୧ ଚୈତ୍ର ୪ ଏପ୍ରିଲ ଗୁରୁବାର ୯ ଅର୍ଘ୍ୟ ଶ୍ରୀବେକଡ଼ାଙ୍କ ଉପବୀତ ଧାରଣ, ଜାହଜୀ ଠାକୁରାଣୀଙ୍କ ଠାରେ ପ୍ରଥମ ନୃତ୍ୟ ସଂଘଟନ, ଭକ୍ତ ସମସ୍ତ ସମବିଦ୍ୟାହାରରେ ମନ୍ଦିରକୁ ଆଗମନ, ୨୨ ଚୈତ୍ର ୫ ଏପ୍ରିଲ ଶୁକ୍ରବାର ୮ମ ଅର୍ଘ୍ୟଦାନ, ୨୩ ଚୈତ୍ର ୬ ଏପ୍ରିଲ ଶନିବାର ୭ ଅର୍ଘ୍ୟ, ୨୪ ଚୈତ୍ର ୭ ଏପ୍ରିଲ ରବିବାର ୬ ଅର୍ଘ୍ୟ, ୨୫ ଚୈତ୍ର ୮ ଏପ୍ରିଲ ସୋମବାର ୫ ଅର୍ଘ୍ୟ, ଭଟ୍ଟପୁର ଗ୍ରାମରେ 'କାମିନୀ' ମାତାଙ୍କ ପିତ୍ରାଳୟ ଗମନ। କନ୍ୟା ସୀକୃତୀ କାର୍ଯ୍ୟ ସମ୍ପାଦନ ଓ ଅର୍ଘ୍ୟଦାନ ହେବ। ୨୬ ଚୈତ୍ର ୯ ଏପ୍ରିଲ ମଙ୍ଗଳବାର ୪ ଅର୍ଘ୍ୟ - ଦୈନନ୍ଦିନ ଚଡ଼କ ସେବାପୂଜା। ରାତ୍ରିରେ ସମସ୍ତ ସେବାୟତ ଗୃହକୁ ଗମନାନ୍ତେ ବେକଡ଼ା ପ୍ରଦାନ ଓ ଶିବ-କାମୀନା ବିବାହରେ ବରଯାତ୍ରୀ ମାନ୍ୟରେ ସମସ୍ତ ସେବାୟତଙ୍କୁ ଆମନ୍ତ୍ରଣ ଓ "ଅର୍ଘ୍ୟଦାନ। ୨୭ ଚୈତ୍ର ୧୦ ଏପ୍ରିଲ ବୁଧବାର ୩ ଅର୍ଘ୍ୟ - ପ୍ରାତଃ କାଳରେ କାମୀନା ଘଟଙ୍କୁ ଘେନି ପିତ୍ରାଳୟକୁ ଗମନ ବିଶାଳ ସୁସଜ୍ଜିତ ପଟୁଆରରେ ଘଟଦ୍?ୟକୁ ଭବ୍ୟ ଶୋଭାଯାତ୍ରାରେ ଗର୍ଭଗୃହ ମଧ୍ୟରେ ଆନୟନ। ଗର୍ଭଗୃହ ମଧ୍ୟରେ ଶିବ-କାମୀନାଙ୍କ ବିଶେଷ ନିତୀକାନ୍ତିରେ, ବୈଦିକ ରିତୀରେ ଶୁଭ ବିବାହ ଓ ରାତ୍ରିରେ ଅର୍ଘ୍ୟଦାନ। ୨୮ ଚୈତ୍ର ୧୧ ଏପ୍ରିଲ ଗୁରୁବାର ୨ ଅର୍ଘ୍ୟ - ଶ୍ରୀ ଶ୍ରୀ ଜୀଉଙ୍କ ମହାନ ନୀଳ ପର୍ବ। ଭକ୍ତସମସ୍ତ ହାକାଣ୍ଡ ପୋଖରୀକୁ ଗମନ, ହାକାଣ୍ଡ ପୋଖରୀରୁ ନୀଳ ପୋଖରୀ ଆଗମନ ଓ ପାଟଭକ୍ତ, ଶ୍ରୀବେକଡ଼ୀ ଓ ଦେଉଳିଆ ଭକ୍ତ ମାନଙ୍କ ଦ୍ୱାରା 'ସ୍ତମ୍ଭୀ' କାଷ୍ଠ ଉତ୍ତୋଳନ ଏବଂ ନୀଳ ପୋଖରିରେ ମହା ଆଳତୀ ସମ୍ପନ୍ନ ଓ ମନ୍ଦିର ପରିସରରେ ଶେଷ ବେକଡ଼ା ପ୍ରଦାନ ଓ ଅର୍ଘ୍ୟଦାନ। ୨୯ ଚୈତ୍ର ୧୨ ଏପ୍ରିଲ ଶୁକ୍ରବାର ୧ ଅର୍ଘ୍ୟ-୧ମ ଅର୍ଘ୍ୟ (ମହାନ ପାଟ ପର୍ବ) ଶେଷ ଚଡ଼କ ବିଶେଷ ସେବାପୂଜା ସମାପନ। ହାକାଣ୍ଡ ପୋଖରୀ ଗମନାନ୍ତେ "ଦଶନଖି" ସମେତ ଶ୍ରୀ ଶ୍ରୀ ଜୀଉଙ୍କ ଯାତ୍ରାଙ୍ଗୀ ଘଟକୁ ଧାରଣ କରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ। ବିଶାଳ ପଟୁଆର ଓ ବିବଧ ରୋଷଣୀ ଦ୍ୱାରା ଭବ୍ୟତାର ସହିତ ପାଟଯାତ୍ରା ସମାପନ ଓ ଶେଷ ଅର୍ଘ୍ୟ। ହେବାକୁ ଥିବା ବେଳେ ପାଖାପାଖି ୧୦ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ନଜର ଦେଇ ପ୍ରଶାସନ ତରଫରୁ ତହସିଲଦାର ହିମାଂଶୁ ଶେଖର ଗିରି ଓ ତାଳସାରି ସାମୁଦ୍ରିକ ଥାନାଧିକାରିଣୀ ଚମ୍ପାବତୀ ସୋରେନ ଉପସ୍ଥିତ ରହି ନୋଟିସ ଓ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ସ୍ଥାନୀୟ ଉଠା ଦୋକାନୀଙ୍କୁ ୩୦ଓ ୩୧ ତାରିଖ ଭିତରେ ମନ୍ଦିର ପାର୍ଶ୍ୱ ତଥା ମୁଖ୍ୟ ରାସ୍ତା ସମ୍ମୁଖରୁ ଉଠି ଅନ୍ୟତ୍ର ବସିବାକୁ ନିର୍ଦ୍ଦେଶ ଦିଆଯାଇଛି। ନ ହେଲେ ଆସନ୍ତା ଏପ୍ରିଲ ୧ତାରିଖ ପ୍ରଶାସନ ତରଫରୁ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି।

# ନମ୍ବର ବିହୀନ ୨ ବାଲି ଟ୍ରାକ୍ଟର ଜବତ

ରାଜଘାଟ, ୨୯।୩ (ସମିସ): ସିଂଲା ଥାନା ଅନ୍ତର୍ଗତ ପାଉଁଶକୁଲି ବଜାରରୁ ୨ଟି ନମ୍ବର ବିହୀନ ବାଲି ଟ୍ରାକ୍ଟରକୁ ସିଂଲା ପୁଲିସ ଜବତ କରିଛି। ଶୁକ୍ରବାର ସକାଳ ସମୟରେ ଉକ୍ତ ନମ୍ବର ବିହୀନ ବାଲି ଟ୍ରାକ୍ଟର ଦୁଇଟିରେ ବେଆଇନ ଭାବେ ବାଲି ପରିବହନ ହେଉଥିବା ନେଇ ସିଂଲା ପୁଲିସକୁ ସୂଚନା ମିଳିଥିଲା। ଖବର ପାଇ ସିଂଲା ଥାନା ଅଧିକାରୀ ଭୂବନମୋହନ ସେଠୀ ସଦଳବଳେ ପାଉଁଶକୁଲି ବଜାରରେ ପହଞ୍ଚି ଟ୍ରାକ୍ଟରର କାଗଜପତ୍ର ଯାଞ୍ଚ କରିଥିଲେ।ମାତ୍ର ଯାଞ୍ଚ ସମୟରେ କାଗଜ ପତ୍ର ସଠିକ ନଥିବା ଜଣାପଡ଼ିବା ପରେ ଉକ୍ତ ଟ୍ରାକ୍ଟର ସହ ଚାଳକ ଦ୍ୱୟଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ। ପରେ ସିଂଲା ଥାନାରେ ୬୩/୨୪ ଓ ୬୪/୨୪ ମୂଳେ ଦୁଇଟି ମାମଲା ରୁଜୁ ହୋଇ ଗିରଫ ଚାଳକ ଦୁଇଜଣଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ମାଇତାପୁରରେ ମେଳନ ଉତ୍ସବ



ସିମୁଳିଆ, ୨୯।୩(ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକରେ କହ୍ନେଇବିନ୍ଧା ୭୬ ବର୍ଷର ପହଞ୍ଚି ଥିଲା ବେଳେ ଓ ବାଲିଖଣ୍ଡ ୭୨ବର୍ଷ ପଦାର୍ପଣ କରିଅଛି। ସେହିପରି ମୁରୁଣା ପଞ୍ଚାୟତରେ ଧୂବଗାଡ଼ିଆ ମେଳନ ୫୫ ବର୍ଷର ପାଦ ଦେଶରେ ପହଞ୍ଚି ଥିଲା ବେଳେ ଦ୍ୱିତୀୟା ତିଥିରେ ପଦାକୁ ଠାକୁର ଆସନ୍ତି। ବହୁ ଯାକଜମକରେ ପାଳିତ. ହେଉଥିଲା ବେଳେ. କ୍ଷୀରୋକୁଣାରର ମେଳନ ଯାତ୍ରା ବହୁ ଯାକ ଯାମକରେ ଚାଲୁଅଛି. ସିମୁଳିଆ ବ୍ଲକରେ ଅନ୍ୟାନ ଗ୍ରାମରେ ମଧ ମେଳନ ଯାତ୍ରା ହୋଇଯାଇଅଛି। ତାହା ମଧ୍ୟରୁ. ମାଇତାପୁର ମେଳନ ଅନ୍ୟତମ। ଏହି ମେଳନଟି ବହୁ ପୁରାତନ ମେଳନ ହୋଇ ଥିଲାବେଳେ ତୃତୀୟ ତିଥିରେ ଠାକୁର ପଦାକୁ ଆସିଥାନ୍ତି। ଉତ୍ସବରେ ଠାକୁର ତିନିଦିନ ପଦାରେ ରୁହନ୍ତି ଓ ଶେଷଦିନ ସକାଳ ସମୟରେ ଠାକୁରଙ୍କୁ ଭୋଗ ଖାଇ ମେଣ୍ଢା ଘର ପୋଡି ଠାକୁରଙ୍କୁ ଶୌଚ କରି ମନ୍ଦିର ମଧ୍ୟକୁ ବିଜେ କରିଥାନ୍ତି। ପ୍ରତି ମେଳନ ଉତ୍ସବ ଶାନ୍ତି ଶୃଙ୍ଖଳାରେ ଚାଲୁଛି।

# ପିଅନକୁ ପ୍ରଧାନଶିକ୍ଷକଙ୍କ ମାଡ଼ ଅଭିଯୋଗ

ସୋର, ୨୯।୩ (ସମିସ): ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ ବଳବିଷ୍ଣୁପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ସ୍କୁଲର ଜଣେ ପିଅନକୁ ମାଡ଼ ମାରିଥିବା ସମ୍ପର୍କରେ ସମ୍ପୃକ୍ତ ପିଅନ ଜଣକ ସୋର ଥାନାରେ ଅଭିଯୋଗ କରିଛନ୍ତି। ଗତକାଲି ୩.୩୫ ମିନିଟ ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେନ୍ଦ୍ର ନାୟକ ପିଅନ ରାମଚନ୍ଦ୍ର ନାୟକଙ୍କୁ ତାର ଟାଣି ମଟରରେ ସଂଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ରାମଚନ୍ଦ୍ରଙ୍କ ଦେହ ଭଲ ଲାଗୁ ନଥିବାରୁ ସେ ଏହି କାର୍ଯ୍ୟ କରିବାରେ ବିଳମ୍ବ କରିଥିଲେ। ତେଣୁ ପ୍ରଧାନ ଶିକ୍ଷକ ଏଥିରେ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଚାପୁଡ଼ା ମାରିଥିବା ସହିତ ତାର ବଣ୍ଡଲରେ ପିଟିଥିଲେ। ରାମଚନ୍ଦ୍ର ଆଜି ଏ ସମ୍ପର୍କରେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପରିବେଶପ୍ରେମୀ ଚୈତନ୍ୟ ସାହୁ ସମ୍ବର୍ଦ୍ଧିତ



ରୂପସା, ୨୯।୩ (ସମିସ): ବସ୍ତା ଥାନା ହଳଦୀପଦା ପଞ୍ଚାୟତ ଅନ୍ତର୍ଗତ ଖଣ୍ଡାହାର ଗ୍ରାମର ପରିବେଶପ୍ରେମୀ ଚୈତନ୍ୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦୁବୁଲାଗଡ଼ିସ୍ଥିତ ଅମର ଯବାନ ଯୁବ ସଂଗଠନ ପକ୍ଷରୁ ଶହୀଦ ଦିବସ ପାଳନ ଅବସରରେ ପରିବେଶ ସଚେତନତା ଓ ବୃକ୍ଷରୋପଣ କ୍ଷେତ୍ରରେ ପ୍ରଶଂସନୀୟ ଅବଦାନ ପାଇଁ ଚୈତନ୍ୟଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂଗଠନର ଉପଦେଷ୍ଟା ଗୟାପ୍ରସାଦ ଦାସ, ଶ୍ରୀକୃଷ୍ଣ ଗିରି ଓ ଗୌରହରି ମାନ୍ନାଙ୍କ ସମେତ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରିବେଶ ମନ୍ତ୍ରଣାଳୟ ଦ୍ୱାରା ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଚୈତନ୍ୟ ସୁସ୍ଥ ପରିବେଶ ଗଠନ ପାଇଁ ହଳଦୀପଦା ଷ୍ଟେସନ, ବଜାର ଛକ, ରାଜପଥ ପାର୍ଶ୍ୱ, ସ୍କୁଲ, କଲେଜ ପ୍ରଭୃତି ସ୍ଥାନରେ ନିଜସ୍ୱ ପାଣ୍ଠିରେ ବିଭିନ୍ନ କିସମର ଚାରା ରୋପଣ କରି ଖ୍ୟାତି ଅର୍ଜନ କରିଛନ୍ତି। ସମାଜସେବା ଓ ବୃକ୍ଷରୋପଣ ପାଇଁ ଗତ ଡିସେମ୍ବର ୨୩ତାରିଖ ରୂପସା ଶକୁନ୍ତଳା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ତାଙ୍କୁ ସବୁଜସାଥି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ବାଇକ୍ ସହ ଦେଶୀମଦ ଜବତ, ଜଣେ ଗିରଫ

ସୋର, ୨୯।୩(ସମିସ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, କଟକ, ୟୁନିଟ -୨ ତରଫରୁ ଅଞ୍ଜି ଛକରେ ଚଢ଼ଉ କରାଯାଇ ବାଇକ ସହ ଦେଶୀମଦ ଜବତ କରିଥିବା ବେଳେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଡେପୁଟି କମିଶନର ରାମଚନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଳକା ସୁନାଙ୍କ ତତ୍ତ୍ୱାବଧାନରେ ଆଇଆଇସି ଧିରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଆଜି ସକାଳେ ଏହି ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଗୋପାଳପୁରରୁ ଅଞ୍ଜି ଅଭିମୁଖେ ଆସୁଥିବା ଏକ ବାଇକକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେଥିରେ ଏକ ଅଖାରେ ୨୫ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ବାଇକ ସହ ମଦକୁ ଜବତ କରି ଥାଲସଡା ଗ୍ରାମର ସୁମନ୍ତ ଦାସକୁ ଗିରଫ କରିଥିଲେ। ଅପରାହ୍ଣରେ ସୋର ମେ?କାଲରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସଆଇ ଥବୀର ପଟ୍ଟନାୟକ, କିଶୋର ରାଉତ, ଗୋଖେନ୍ଦ୍ର ପରିଡ଼ା, କନେଷ୍ଟବଳ ରାଜେଶ କିଷାନ, ବସନ୍ତ ମଲ୍ଲିକ, ସୁମିତ୍ରା ସାମଲ ଓ ଜଗନ୍ନାଥ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ସୋର, ୨୯।୩ (ସମିସ): ସୋର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ନେଇ ଶୁକ୍ରବାର ଅପରାହ୍ନରେ ପରିବାର ତରଫରୁ ସୋର ଥାନାରେ ଅଭିଯୋଗ ହୋଇଛି। ନାବାଳିକା ଗତକାଲି ସନ୍ଧ୍ୟାରେ ସାଇକେଲରେ ଘରକୁ ଫେରୁଥିବା ବେଳେ ଜଣେ ଯୁବକ ତାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକି ନେଇ ଦୁଷ୍କର୍ମ କରିଥିଲା। ଏ ବାବଦରେ ନାବାଳିକା ଜଣଙ୍କ ଘରେ ଜଣାଇବା ପରେ ପରିବାର ଲୋକେ ଆଜି ଅପରାହ୍ନରେ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ୭ ବେଆଇନ ଡମ୍ଫର ଜବତ

ସୋର, ୨୯।୩ (ସମିସ): ସୋର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୭ଟି ବେଆଇନ ମାଲ ବୋଝେଇ ଡମ୍ଫରକୁ ସୋର ତହସିଲଦାର ଜବତ କରିଛନ୍ତି। ସୋର ତହସିଲଦାର ଏସକେ ସାଗିର ଥାନା ଅଞ୍ଚଳର ବରଫକଳ ଛକ, ବିଦୁ ଛକ, ଫଟାଅର୍ଜୁନ ଛକ ଏବଂ ବାଗୁଡ଼ି ବଜାରରେ ଚଢ଼ାଉ କରି ବିଭିନ୍ନ ମାଲ ବୋଝେଇ ଡମ୍ଫରର କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ୪ଟି ବାଲି ବୋଝେଇ ଡମ୍ଫର, ଦୁଇଟି ପଥର ବୋଝେଇ ଡମ୍ଫର ଏବଂ ଏକ ମୋରମ ବୋଝେଇ ଡମ୍ଫର ବେଆଇନ ଭାବେ ମାଲ ପରିବହନ କରୁଥିବା ଜାଣିପାରି ଗାଡି ଗୁଡିକୁ କୁ ଜବତ କରି ସୋର ଥାନାରେ ଜିମା ଦେଇଛନ୍ତି।ତେବେ ପରବର୍ତ୍ତୀ ଅବସ୍ଥାରେ ଗାଡି ଗୁଡିକୁ ଖଣି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ପୂର୍ବତନ ନାଏବ ସରପଞ୍ଚ ଗୌରୀ ପିଳାଙ୍କ ବିୟୋଗ



ଭୂଷଣ୍ଡେଶ୍ୱର, ୨୯।୩(ସମିସ): ଭୋଗରାଇ ବ୍ଲକ କୁମ୍ଭୀରଗଡ଼ି ପଞ୍ଚାୟତ ଅଡଙ୍ଗ ପନ୍ତେଇ ଗ୍ରାମ ର ପୂର୍ବତନ ନାଏବ ସରପଞ୍ଚ ତଥା ମହିଳା ସଂଘର ସଭାନେତ୍ରୀ ଗୌରୀ ପିଳା(୫୨) ଆଉ ଇହ ଜଗତରେ ନାହାନ୍ତି। ଆଜି ତାଙ୍କର ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ୩୧ ନଂ ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସରପଞ୍ଚ ବର୍ଷାରାଣୀ ପରିଡ଼ା, ସଦସ୍ୟା ଝରଣା ସାହୁ, ନାଏବ ସରପଞ୍ଚ ଅନନ୍ତ ମାଝୀ ସମାଜସେବୀ ନିଶିକାନ୍ତ ସାହୁ, ସୂର୍ଯ୍ୟକାନ୍ତ ସାହୁ, ରାକେଶ ପରିଡ଼ା, ଭବେନ୍ଦ୍ର ସାହୁ, ସୁଶାନ୍ତ ପଟ୍ଟନାୟକ, ବୈଲୋଚନ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତଥା ପଞ୍ଚାୟତର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଭୋଗରାଇରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



ଭୋଗରାଇ, ୨୯।୩ (ସମିସ) : ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଗରାଇ ଥାନା ଅନ୍ତର୍ଗତ ତଥା ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ଅଞ୍ଚଳରେ ଭୋଗରାଇ ଥାନା ପୁଲିସ ଓ ବିଏସଏଫ ଯବାନଙ୍କ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଏକ ବିଶାଳ ପୁଲିସ ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା, କୌଣସି ଅପ୍ରିତୀକର ପରିସ୍ଥିତିରୁ ଦୂରେଇ ରହିବା, ବେଆଇନ ନିଶା ବ୍ୟବସାୟ ଉପରେ ଅଙ୍କୁଶ ଲଗାଇବା, ଉତ୍ତେଜନା ସୃଷ୍ଟି ହେଲା ଭଳି କୌଣସି କାର୍ଯ୍ୟ ନକରିବା ଆଦିକୁ ନେଇ ଜନ ସାଧାରଣଙ୍କୁ ସଚେତନ କରିବା ଏବଂ ନିର୍ବାଚନକୁ ସମ୍ପୂର୍ଣ୍ଣ ଭୟଶୂନ୍ୟ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ପୁଲିସ ଏହି ଫ୍ଲାଗ ମାର୍ଚ୍ଚ କରିଛି। ବାଲେଶ୍ୱର ଏସପି ସାଗରିକା ନାଥଙ୍କ ନିର୍ଦ୍ଦେଶରେ ଏବଂ ଜଳେଶ୍ୱର ଏସଡିପିଓ ଦିଲ୍ଲୀପ କୁମାର ସାହୁ ଓ ଭୋଗରାଇ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁଙ୍କ ମିଳିତ ନେତୃତ୍ୱରେ ଭୋଗରାଇ ଥାନା ପୁଲିସ, ଚନ୍ଦନେଶ୍ୱର ଫାଣ୍ଡି ପୁଲିସ, ଲକ୍ଷ୍ମୀପାଟଣା ଫାଣ୍ଡି ପୁଲିସ ଏବଂ ତିନି ପ୍ଲାଟୁନ ବିଏସଏଫ ଯବାନ ଏହି ପୁଲିସ ଫ୍ଲାଗ ମାର୍ଚ୍ଚରେ ଅଂଶଗ୍ରହଣ କରିଥିଲେ। ଏହି ଫ୍ଲାଗ ମାର୍ଚ୍ଚ ଭୋଗରାଇ ଥାନା ପରିସରରୁ ବାହାରି ଭୋଗରାଇ ବ୍ଲକ କାର୍ଯ୍ୟାଳୟ, ଥାନାଛକ, ଦେହୁର୍ଦ୍ଦା ଛକ, ବାଟଗ୍ରାମ ଓ ଦେଉଳା ହାଟ ପରିକ୍ରମା କରି ଥାନାରେ ପହଞ୍ଚିଥିଲା। ଭୋଗରାଇ ଥାନା ଏସଆଇ ଅର୍ପିତା ପ୍ରିୟଦର୍ଶିନୀ ଦାସ, ଏଏସଆଇ ଗତିକୃଷ୍ଣ ଜେନା, ଏଏସଆଇ ହୃଷିକେଶ ବିଶ୍ୱାଳ, ଏଏସଆଇ ପ୍ରିୟଦର୍ଶିନୀ ଖଟୁଆ, ଲକ୍ଷ୍ମୀପାଟଣା ପୁଲିସ ଫାଣ୍ଡି ଅଧିକାରୀ ଏସଆଇ ଅଶୋକ କୁମାର ଦାସ, ହାବିଲଦାର ନଳିନୀ ପଣ୍ଡା ପ୍ରମୁଖଙ୍କ ସମେତ ସମସ୍ତ କନେଷ୍ଟବଳ, ହୋମଗାର୍ଡ ଓ ୩ ପ୍ଲାଟୁନ ବିଏସଏଫ ଯବାନ ଏହି ଫ୍ଲାଗ ମାର୍ଚ୍ଚରେ ଅଂଶଗ୍ରହଣ କରିଥିଲେ।

# ବିଜେପିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଚୌକି, ୨୯।୩ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଦେହୁର୍ଦ୍ଦା ପଞ୍ଚାୟତସ୍ଥିତ ଥାନାଛକ ଠାରେ ବିଜେପିର ଏକ ନୂତନ କାର୍ଯ୍ୟାଳୟ ଉଦଘାଟନ ହୋଇଯାଇଛି। ଦଳର ନେତା ଅଂଶୁମାନ ମହାନ୍ତି ଏହି କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ଏଥିରେ ବିଜେପିର ନେତୃବୃନ୍ଦ ମାନେ ଉପସ୍ଥିତ ଥିଲେ। ୩୩ ନମ୍ବର ଜୋନର ଜୋନ ସଭାପତି ବ୍ରଜ କିଶୋର ମହାନ୍ତି, କାଳୀଚରଣ ସେଠୀ, ରାଜୀବ ଲୋଚନ ବାରିକ, ଅଧିର ବେଜ, ତପନ କୁମାର ଜେନା, ଭାରତୀ ପାଣିଗ୍ରାହୀ, ମଧୁସୂଦନ ପାତ୍ର ଭଗିରଥ ପୃଷ୍ଟି, ନିଶେଷ କୁମାର ଦେବ, ଅଶୋକ ବେହେରା, ବିଷ୍ଣୁପଦ ପୃଷ୍ଟି, ଅନନ୍ତ ସାହୁ, ସନ୍ତୋଷ ଗିରି, ଗୟାରାମ ଜେନା, ପ୍ରମୁଖ ଉପସ୍ଥିତ ଥିଲେ।

# ନିମ୍ନମାନର ରାସ୍ତା ପାଇଁ ରାସ୍ତାରୋକ



ରାଜଘାଟ, ୨୯।୩ (ସମିସ): ରାସ୍ତା ନିର୍ମାଣରେ ଅନିୟମିତତା ଓ ନିମ୍ନମାନର ଅଭିଯୋଗ ଆଣି ରାସ୍ତା ରୋକ, ଘଟଣା ସ୍ଥଳରେ ଅସନ୍ତୋଷ ଓ ଚାପା ଉତ୍ତେଜନା। ଏଠାରେ ସୂଚନା ଥାଉକି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତ କାଣ୍ଡ ଗାଁ ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ମରାମତି କାର୍ଯ୍ୟ ହେଉଛି। ଏହି ରାସ୍ତା ଉପରେ ଆଖପାଖ ଆଖ ୧୦ ଟି ପଞ୍ଚାୟତ ଲୋକ ନିର୍ଭର କରୁଥିବା ବେଳେ ଦୈନିକ ବସ, ଟ୍ରକ୍, ଟ୍ରାକ୍ଟର ଭଳି ବହୁ ଗାଡ଼ି ମୋଟର ଯାଆ ଆସ କରିଥାଏ। ପ୍ରତି ବର୍ଷ ରାସ୍ତା ନିର୍ମାଣ ଓ ମରାମତି ହେଉଥିଲେ ବି ରାସ୍ତା ଖାଲ ଖମା ସାଙ୍ଗକୁ ଅନେକ ସ୍ଥାନରେ ଦବି ହୋଇ ଯାଇଥାଏ। ତେବେ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ଚାଲିଛି ମାତ୍ର ପିଚୁ ରାସ୍ତା ମରାମତି ବେଳେ ଧୂଳି, ବାଲି ଇତ୍ୟାଦିକୁ ଭଲ ଭାବେ ସଫାକରି କେମିକାଲ ଅଠା ବା ପ୍ରାଇମର ପକାଇ ନିର୍ଦ୍ଦିଷ୍ଟ ଭାଗ ମାପରେ ପିଚୁ ପକାଇ ରାସ୍ତା ନିର୍ମାଣ କରିବା କଥା। ମାତ୍ର ଠିକା ସଂସ୍ଥା ଭଲ ଭାବେ ଧୂଳି ବାଲି ସଫା ନ କରି ଧର୍ମକୁ ଆଖିଠାର ମାରି ନାମକୁ ମାତ୍ର ପ୍ରାଇମର ପକାଇ କମ ମୋଟେଇ କରି ରାସ୍ତା ନିର୍ମାଣ କରୁଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ବିରୋଧ କରିବା ସହିତ ଠିକାଦାର, ସୁପର ଭାଇଜରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁଥିଲେ। ପରେ ସ୍ଥାନୀୟ ଅଞ୍ଚଳ ବାସୀ ନିୟମ ମୁତାବକ ରାସ୍ତା ନିର୍ମାଣ ପାଇଁ ଅଡି ବସି ରାସ୍ତା ରୋକ୍ କରିଥିଲେ। ଯାହା ପାଇଁ ରାସ୍ତାର ଉଭୟ ପଟେ ଶହ ଶହ ସଂଖ୍ୟାର ଗାଡ଼ି ଅଟକି ରହିଥିଲା। ଦୀର୍ଘ ସମୟ ରାସ୍ତାରୋକ ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଉମାଶଙ୍କର ବେହେରା ନିୟମ ମୁତାବକ ରାସ୍ତା ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

# ବସ୍ତା ନିର୍ବାଚନ ମଣ୍ଡଳୀରେ ସୁବାସିନୀଙ୍କୁ ସମ୍ବର୍ଦ୍ଧନା

ଲଙ୍ଗଳେଶ୍ୱର/ବସ୍ତା, ୨୯।୩ (ସମିସ):



ସାଧାରଣ ନିର୍ବାଚନ ପାଇଁ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ବସ୍ତା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସୁବାସିନୀ ଜେନାଙ୍କ ନାମ ଘୋଷଣା କରିବା ପରେ ଉଭୟ ବସ୍ତା ଓ ବାଲିଆପାଳ ଅଞ୍ଚଳରେ ଦଳୀୟ କର୍ମୀଙ୍କ ଗହଣରେ ଖେଳିଯାଇଛି ଖୁସିର ଲହରୀ। ବସ୍ତା ବିଜେଡି ଶିବିରରେ ଦେଖାଦେଇଛି ଉତ୍ସାହ। ତେବେ ନାମ ଘୋଷଣା ପରେ ଶ୍ରୀମତୀ ଜେନା ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନେଇ ଶୁକ୍ରବାର ବସ୍ତା ଫେରିଥିବା ବେଳେ ବିଭିନ୍ନ ଛକ ବଜାରରେ ବିଜେଡି କର୍ମୀମାନେ ଦଳ ଦଳ ହୋଇ ବିଧାୟିକା ପ୍ରାର୍ଥୀନୀଙ୍କୁ ସ୍ୱାଗତ କରିଥିଲେ। ଦଳୀୟ ନେତୃବୃନ୍ଦଙ୍କ ସହ ଶ୍ରୀମତୀ ଜେନା ଗାନ୍ଧୀ ଛକ ଠାରେ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ମୁକୁଳିସି ଯାଇ ବର୍ତ୍ତମାନର ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ଆଶୀର୍ବାଦ କାମନା କରିଥିଲେ। ଏହାପରେ ଲଙ୍ଗଳେଶ୍ୱର ସ୍ଥିତ ହରପାର୍ବତୀ ମନ୍ଦିରରେ ପହଞ୍ଚି ପୂଜା ଅର୍ଚ୍ଚନା କରିବା ପରେ ତାଙ୍କର ଲଙ୍ଗଳେଶ୍ୱର ସ୍ଥିତ ବାସଭବନରେ ପହଞ୍ଚି ଥିଲେ। ସେଠାରେ ଶତାଧିକ କର୍ମୀ ଓ ଜନସାଧାରଣଙ୍କ ଏକତ୍ର ହୋଇ ଶ୍ରୀମତୀ ଜେନାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ପ୍ରଥମ ଥର କରି ବସ୍ତା ଇତିହାସରେ ଜଣେ ମହିଳାଙ୍କୁ ବିଜେଡିରୁ ଟିକେଟ୍ ମିଳିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ବାଚନରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା କରିବା ସହ ନାରୀଙ୍କୁ ଅଗ୍ରାଧିକାର ଦେଇଥିବାରୁ ସୁବାସିନୀ ଜେନା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆସନ୍ତା ସମୟରେ ବସ୍ତାକୁ ଏକ ସମୃଦ୍ଧ ଓ ବିକଶିତ ନିର୍ବାଚନ ମଣ୍ଡଳୀ ଭାବେ ଗଢ଼ି ତୋଳିବା ପାଇଁ ବସ୍ତା-ବାଲିଆପାଳର ପ୍ରତ୍ୟେକଟି ଜନସାଧାରଣଙ୍କ ସେ ସହଯୋଗ ଏବଂ ଆଶୀର୍ବାଦ କାମନା କରିଛନ୍ତି।

